ଧରିତ୍ରୀ
DHARITRI
August 14-20, 2022 ₹ 2/-

# ଛୁଟିଦିନ

# ଉତ୍ସବ ସ୍ୱାଧୀନତାର

ଦେଶ ସ୍ୱାଧନ ହେବା ଏହି ସମୟକୁ ଅପେକ୍ଷା କରି ରହିଥିଲେ ସମଗ୍ର ଦେଶର ଆବାଳବୃଦ୍ଧବନିତା। ଦେଶ ସ୍ୱାଧିନ ହେଲା। ଖେଳିଗଲା ଖୁସିର ଲହରୀ। ଆଉ ସେବେଠାରୁ ଏପର୍ଯ୍ୟନ୍ତ ଅନେକ ଲୋକ ସ୍ୱାଧିନତା ଦିବସର ସ୍ମୃତିକୁ ମନେ ପକାଇ ନିଜସ୍ୱ ଢଙ୍ଗରେ ସ୍ୱାଧିନତା ଦିବସକୁ ଏକ ଉତ୍ସବ ଆକାରରେ ପାଳନ କରୁଛନ୍ତି...



ପ୍ରଚ୍ଛଦ ପ୍ରସଙ୍ଗ ୩

# ବାସ୍ତୁ ଦୋଷ କିପରି କରିବେ ଠିକ୍

## ଘରେ ଯଦି କିଛି ବାସ୍ତୁ ଦୋଷ ଥାଏ, ତା'ହେଲେ ତାହାକୁ କିପରି ସରଳ ଉପାୟରେ ଠିକ୍ କରାଯାଇପାରିବ ଜାଣନ୍ତୁ ସେ ସମ୍ପର୍କରେ...

* ଘରେ କିଛି ବାସ୍ତୁ ଦୋଷ ଥିଲେ, ଉତ୍ତର-ପୂର୍ବ କୋଣ ଅର୍ଥାତ୍ ଐଶାନ୍ୟ କୋଣରେ କଳସ ସ୍ଥାପନା କରିବା ଠିକ୍ ହେବ। ଯେହେତୁ ଭଗବାନ ଗଣେଶ ହେଉଛନ୍ତି ବିଘ୍ନନାଶକ, ତେଣୁ ତାଙ୍କରି ସ୍ୱରୂପ କୁହାଯାଉଥିବା କଳସକୁ ଘରେ ସ୍ଥାପନା କଲେ ସବୁ ବିପଦରୁ ମୁକ୍ତି ମିଳିଥାଏ ବୋଲି ବିଶ୍ୱାସ କରାଯାଏ।

* ସେହିପରି ଘରର ମୁଖ୍ୟଦ୍ୱାର ଉପରେ ସିନ୍ଦୁରରେ ସ୍ୱସ୍ତିକ ଚିହ୍ନ କରିବା ମଧ୍ୟ ଶୁଭ ହୋଇଥାଏ। ତେବେ ଧ୍ୟାନ ଦେବେ ସ୍ୱସ୍ତିକ ଚିହ୍ନ ଯେମିତି ୯ ଆଙ୍ଗୁଳି ଲମ୍ବା ଆଉ ୯ ଆଙ୍ଗୁଳି ଚଉଡ଼ା ହୋଇଥିବ; ଫଳରେ ଏହା ଘରୁ ନକରାତ୍ମକ ଉର୍ଜ୍ଜା ଦୂର କରିବାରେ ସହାୟକ ହେବ।

* ଯଦି ଆପଣଙ୍କର ପ୍ରବେଶ ଦ୍ୱାର ଦକ୍ଷିଣ ଦିଗକୁ ହୋଇଥିବ, ତା'ହେଲେ ଏହି ଦ୍ୱାର ନିକଟରେ



ପଞ୍ଚମୁଖୀ ହନୁମାନଙ୍କର ଫଟୋ ଲଗାଇବା ଶୁଭ ହୋଇଥାଏ। ନଚେତ୍ ପଞ୍ଚଧାତୁରେ ତିଆରି ଏକ ପିରାମିଡ୍‌କୁ ପ୍ରବେଶ ଦ୍ୱାର ନିକଟରେ ରଖିଲେ ବି ଲାଭ ମିଳିଥାଏ।

* ଘରର ଯେଉଁ ସ୍ଥାନରେ କିଛି ବାସ୍ତୁ ଦୋଷ ରହିଛି ବୋଲି ଅନୁଭବ ହେଉଥାଏ, ସେହି ସ୍ଥାନରେ ଗିନାରେ କିଛି କର୍ପୂର ରଖିଦେଲେ ଉପକାର ମିଳେ ବୋଲି ବିଶ୍ୱାସ କରାଯାଏ।

* ଅନ୍ୟପକ୍ଷେ କୁହାଯାଏ, ଘରର ମୁଖ୍ୟଦ୍ୱାର ନିକଟରେ ଘୋଡ଼ାର ନାଲ ଲଗାଇଲେ ମଧ୍ୟ ସୌଭାଗ୍ୟ ପ୍ରାପ୍ତ ହୋଇଥାଏ।

# ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

**ଅଗଷ୍ଟ ୧୪-୨୦**

**ମେଷ**
ନୂତନ ମୈତ୍ରୀ, ଶୁଭ ଖବରପ୍ରାପ୍ତି, ବ୍ୟବସାୟିକ ଉନ୍ନତି, ବନ୍ଧୁଙ୍କ ସହଯୋଗ, ଯାତ୍ରାରେ ସଫଳତା, ସମସ୍ୟା ସମାଧାନ। ନିର୍ମାଣରେ ବାଧା, ଯାନବାହନ କ୍ରୟ, ଆନୁଷ୍ଠାନିକ ତତ୍ପରତା, ପାରିବାରିକ ଅଶାନ୍ତି,ପଡୋଶୀଙ୍କ ସହାୟତା।

**ବୃଷ**
ସ୍ୱାସ୍ଥ୍ୟରେ ଉନ୍ନତି, ଅର୍ଥସମ୍ପଦ ପ୍ରାପ୍ତି, ଯାନବାହନ ଲାଭ, ଲୋକସମ୍ପର୍କ ବୃଦ୍ଧି,ବନ୍ଧୁ ମିଳନ। ପରିଭ୍ରମଣର ସୁଯୋଗ, ମନୋରଞ୍ଜନରେ ରୁଚି, ଦୂରଯାତ୍ରାର ପ୍ରସ୍ତୁତି, ଅଧ୍ୟୟନରେ ଉନ୍ନତି, ବାଣିଜ୍ୟର ଅଭିବୃଦ୍ଧି।

**ମିଥୁନ**
ସମ୍ପର୍କୀୟଙ୍କ ବେଖାତିର, ଅବହେଳାରୁ କାର୍ଯ୍ୟହାନୀ, ପଡୋଶୀଙ୍କ ଅସହଯୋଗ, ମାନସିକ ଅଶାନ୍ତି, ନିରୁତ୍ସାହତା, ଅର୍ଥଲାଭ, ନୂତନ ସମ୍ପର୍କ, ପାରିବାରିକ ଶାନ୍ତି, ଋଣ ପରିଶୋଧ, ସମସ୍ୟା ସମାଧାନ।

**କର୍କଟ**
ନୂତନ କର୍ମାରମ୍ଭ, ଭୋଗବିଳାସ, ସ୍ୱଜନ ଶତ୍ରୁତା, କର୍ମକ୍ଷେତ୍ରର ଚାପ, ଅର୍ଥହାନୀ, ବନ୍ଧୁଙ୍କ ସାହାଯ୍ୟ, ସମ୍ପର୍କ ଯୋଡିବେ, ସନ୍ତାନଙ୍କ ସମସ୍ୟା, କଳାପ୍ରିୟତା, ସହକର୍ମୀଙ୍କ ପରାମର୍ଶ, ସାମାଜିକ ସମ୍ମାନ ।।

**ସିଂହ**
ଉଚ୍ଚଆଶା କରିବେ, ବନ୍ଧୁମିଳନର ଯୋଜନା, ପରୋକ୍ଷ ଶତ୍ରୁତା, ସ୍ୱାସ୍ଥ୍ୟହାନୀରୁ ଦୁଃଶ୍ଚିନ୍ତା, ଯାନ୍ତ୍ରିକ ତ୍ରୁଟିରୁ ଯାତ୍ରାହାନୀ, ସଭାସମିତିରୁ ସମ୍ମାନ, ପାରିବାରିକ ଶାନ୍ତି, ସହକର୍ମୀଙ୍କ ଭୁଲ୍ ବୁଝାମଣା, ଘର ସାଜସଜ୍ଜା, ପ୍ରିୟବନ୍ଧୁଙ୍କ ସାନ୍ନିଧ।

**କନ୍ୟା**
ଅନୁକୂଳ ପରିବେଶ, ନୂତନ ଯୋଜନା, ଦ୍ରବ୍ୟ ଲାଭ, ପରିବାରରୁ ପ୍ରତିରୋଧ, ପୂର୍ବପ୍ରସ୍ତୁତିରେ ବ୍ୟତିକ୍ରମ, ସାହିତ୍ୟ ସଙ୍ଗୀତରେ ରୁଚି, ଶିକ୍ଷାରେ ଉନ୍ନତି, ରୋଗପୀଡାରୁ ମୁକ୍ତି, କଚେରୀ ମାମଲାରେ ବାଇଦା, ଉପରିସ୍ଥଙ୍କ ତାଗିଦା ।

**ତୁଳା**
ଫଳପ୍ରଦ ପ୍ରତ୍ୟୁଷ ଯାତ୍ରା, ଆର୍ଥିକ ଦୂରବସ୍ଥା, ଗୃହ ଜମି ବିବାଦ, ଉପର ଅଧିକାରୀଙ୍କ ସୁପରାମର୍ଶ, ଅସୁବିଧା ଦୂରେଇଯିବ, ପାରିବାରିକ ତିକ୍ତତାର ସମାପ୍ତି, ବ୍ୟବସାୟିକ ଉନ୍ନତି, ନିର୍ମାଣରେ ଦ୍ୱନ୍ଦ୍ୱ, ନୂତନ ମିତ୍ରତା।

**ବିଛା**
ଶାରିରୀକ ସୁସ୍ଥତା, କର୍ମକ୍ଷେତ୍ରରେ ସମ୍ମାନ, ପଡୋଶୀଙ୍କ ଉଦାରତା, କଲ୍ୟାଣଜନକ କାର୍ଯ୍ୟ, ବିଦେଶ ଯାତ୍ରାରେ ବାଧା, ସହନଶୀଳତାରୁ ପ୍ରଶଂସା, ଶୁଭକାର୍ଯ୍ୟରେ ଯୋଗ ଦେବେ, ମାଙ୍ଗଳିକ ଉତ୍ସବର ପ୍ରସ୍ତୁତି, ବିବାଦର ସମାଧାନ।

**ଧନୁ**
କଠିନ ପରିଶ୍ରମ, ସ୍ୱାସ୍ଥ୍ୟହାନୀ, ଅସଂଯମତାରୁ ବିବାଦ, ଅର୍ଥ ସଂକଟରୁ ଦୁଃଶ୍ଚିନ୍ତା, ବିବାଦଗ୍ରସ୍ତ ହୋଇପାରନ୍ତି, ପାରିବାରିକ ଅଶାନ୍ତି, ଟେନସନ କମିଯିବ, ମୂଲ୍ୟବାନ ଦ୍ରବ୍ୟ କ୍ରୟ, ଶୁଭଖବର ପାଇବେ।

**ମକର**
ସ୍ୱାସ୍ଥ୍ୟରେ ଉନ୍ନତି, କାମ ଠିକ୍‌ଠାକ ଚାଲିବ, ପରିସ୍ଥିତିକୁ ସଜାଡି ନେବେ, କର୍ମତତ୍ପରତା ବୃଦ୍ଧି। ବ୍ୟବସାୟରେ ଲାଭ, ରିସ୍କ ପଦକ୍ଷେପ ନେବେ, ବିବାଦର ଅବସାନ। ବନ୍ଧୁଙ୍କ ଓଲଟା କଥା, ଦୂରଯାତ୍ରାର ପ୍ରସ୍ତୁତି, ସାଂସ୍କୃତିକ କାର୍ଯ୍ୟାରମ୍ଭ।

**କୁମ୍ଭ**
ବନ୍ଧୁ ମିଳନରୁ ଆନନ୍ଦ, ମିଷ୍ଟାନ୍ନ ଭୋଜନ, କର୍ମଜଞ୍ଜାଳ ବୃଦ୍ଧି, ସହକର୍ମୀଙ୍କ ବିରୋଧ, ସମ୍ପର୍କରେ ତିକ୍ତତା, ଯାନ୍ତ୍ରିକ ତ୍ରୁଟିରୁ ଯାତ୍ରାହାନୀ, ନୀଚସଙ୍ଗରୁ ସମାଲୋଚନା, ପରୀକ୍ଷାରେ ଅକୃତକାର୍ଯ୍ୟ, ଧର୍ମକାର୍ଯ୍ୟରେ ବାଧା।

**ମୀନ**
କର୍ମକ୍ଷେତ୍ରରେ ବିବାଦ, ଫାଇଲ୍ କାମ ବୃଦ୍ଧି, ଯାତ୍ରାରେ ଖର୍ଚ୍ଚାନ୍ତ ହେବେ, ଭ୍ରାତୃ ସମ୍ପର୍କରେ ଅବନତି, ଗୁରୁଜନଙ୍କ ପ୍ରେରଣା, ଧର୍ମକାର୍ଯ୍ୟରେ ବିବାଦ, ସାମାଜିକ ସମ୍ମାନ, ନୂତନ ଜମି କ୍ରୟ, ମକଦ୍ଦମାରେ ବିଜୟ।

# ଭାବନା ବି ରୋଗର କାରଣ

ମଣିଷ ତା' ଜୀବନରେ ବିଭିନ୍ନ ପରିସ୍ଥିତି ଦେଇ ଗତି କରିଥାଏ। କେତେବେଳେ ତାକୁ ଦୁଃଖ ଭୋଗିବାକୁ ହୋଇଥାଏ ତ ପୁଣି



କେତେବେଳେ ସୁଖ। ସେହିପରି ଆଉ କେତେବେଳେ କାହା ଉପରେ ରାଗିବା ପାଇଁ ମନରେ ତା'ର କ୍ରୋଧ ମଧ୍ୟ ଆସିଥାଏ। ତେବେ ସେ ଯାହା ବି ହେଉ, ପରସ୍ଥିତି ଅନୁଯାୟୀ ମଣିଷର ଭାବନା ବା ଭାବପ୍ରକାଶରେ ବାରମ୍ବାର ଯେଉଁ ପରିବର୍ତ୍ତନ ଆସିଥାଏ, ତାହାବି ମଣିଷର ଜୀବନଶୈଳୀ ହେଉ ଅବା ସ୍ୱାସ୍ଥ୍ୟ ଉପରେ ଅନେକ ପ୍ରଭାବ ପକାଇଥାଏ ବୋଲି ବିଶ୍ୱାସ କରାଯାଏ। ଯେମିତିକି କ୍ରୋଧ କରିବା ଦ୍ୱାରା କୁହାଯାଏ ଲିଭର୍‌କୁ କୁଆଡ଼େ କ୍ଷତି ପହଞ୍ଚିଥାଏ। ସେହିପରି ଦୁଃଖ ଫୁସ୍‌ଫୁସ୍‌କୁ ଧୀରେ ଧୀରେ ଦୁର୍ବଳ କରିଦିଏ। ଚିନ୍ତାଗ୍ରସ୍ତ ରହିବା ଦ୍ୱାରା ପେଟ ଜନିତ ସମସ୍ୟା କ୍ରମେ ଆରମ୍ଭ ହେବାକୁ ଲାଗେ। ଅବସାଦଗ୍ରସ୍ତ ହେଲେ ହୃଦୟ ଓ ମସ୍ତିଷ୍କ ଉପରେ କୁଆଡ଼େ ଖରାପ ପ୍ରଭାବ ପଡିଥାଏ। ଡର ମଣିଷର କିଡ୍‌ନୀକୁ କ୍ଷତି ପହଁଞ୍ଚାଇଥାଏ। କିନ୍ତୁ ଅନ୍ୟପକ୍ଷେ ଯେ କୌଣସି ପରିସ୍ଥିତି ଆସୁନା କାହିଁକି ଯଦି ମନକୁ ବୁଝାଇ ଖୁସି ଆଉ ଶାନ୍ତିରେ ଜୀବନ ଅତିବାହିତ କଲେ ମସ୍ତିଷ୍କ ସୁସ୍ଥ ରହିବା ସହ ଶରୀରକୁ ବଳ ମିଳିଥାଏ। ସେହିପରି ସବୁବେଳେ ହସ ହସ ମୁହଁରେ ରହିଲେ ଶରୀର ସୁସ୍ଥ ରହିବା ସହ ହୃଦୟକୁ ଖୁବ୍ ଶାନ୍ତି ମିଳିଥାଏ।

# ପାଠକୀୟ

* ଶରୀର ପାଇଁ ଖାଦ୍ୟର ଆବଶ୍ୟକତା ଆଉ ସୁସ୍ଥ ଶରୀର ଲାଗି ସୁଷମ ଖାଦ୍ୟ। କିନ୍ତୁ ଏମିତି କିଛି ଲୋକ ଅଛନ୍ତି, ଯେଉଁମାନେ ବଞ୍ଚିବା ପାଇଁ ସୁଷମ ଖାଦ୍ୟ ବଦଳରେ ଜରି, ମାଟି, ଗୋଡ଼ି, ପ୍ଲାଷ୍ଟିକ୍ ଆଦିକୁ ବି ସାମିଲ କରିଛନ୍ତି ଖାଦ୍ୟରେ। ତେଣୁ ଏଭଳି ଏକ ନିଆରା ବିଷୟକୁ ନେଇ ଏଥରର ଛୁଟିଦିନର ପ୍ରଚ୍ଛଦ ପ୍ରସଙ୍ଗରେ ପ୍ରକାଶିତ 'ଅଜବ ଖାଦ୍ୟାଭ୍ୟାସ' ପାଠଟି ମୋତେ ପଢିବାକୁ ଖୁବ୍ ଭଲ ଲାଗିଲା। 'ବାସ୍ତୁ ଅନୁସାରେ ବଗିଚା' ଏବଂ 'ଉପକାରୀ ଅଖରୋଟ' ନାମକ ପାଠଦୁଇଟିରୁ ବହୁ ଅଜଣା କଥା ଜାଣିହେଲା।

*–ମୋନାଲି ସାହୁ, ଖଲ୍ଲିକୋଟ, ଗଞ୍ଜାମ*

*ପ୍ରତ୍ୟେକ ବ୍ୟକ୍ତିଙ୍କ ଖାଦ୍ୟାଭ୍ୟାସ ପ୍ରତ୍ୟେକଙ୍କ ଠାରୁ କିଛିଟା ଅଲଗା। ଏହି ଭିନ୍ନତା ବିଭିନ୍ନ ରାଜ୍ୟ ତଥା ଦେଶ ଭିତରେ ଅଧିକ ଦେଖିବାକୁ ମିଳିଥାଏ। କିନ୍ତୁ ସବୁ ପରେ ବି ସମସ୍ତେ ସୁଷମ ତଥା ସ୍ୱାସ୍ଥ୍ୟପ୍ରଦ ଖାଦ୍ୟ ଖାଇବାକୁ ପସନ୍ଦ କରିଥାନ୍ତି। ହେଲେ ଏମିତି ବି କିଛି ଅଜବ ବ୍ୟକ୍ତି ଅଛନ୍ତି, ଯେଉଁମାନେ ଖାଦ୍ୟ ବଦଳରେ ଅଖାଦ୍ୟ ଖାଇବାକୁ ବେଶୀ ପସନ୍ଦ କରନ୍ତି। ଆଉ ଏହା କେବଳ ସେମାନେ ବେଳେବେଳେ ଖାଆନ୍ତି ନାହିଁ ବରଂ ଏହା ହିଁ ସେମାନଙ୍କର ଖାଦ୍ୟାଭ୍ୟାସ ଓ ଏମିତି ଖାଇ ହିଁ ସେମାନେ ବଞ୍ଚନ୍ତି। ତେଣୁ ଏଭଳି ଏକ ବିଚିତ୍ର ବିଷୟକୁ ନେଇ ପ୍ରସ୍ତୁତ ହୋଇଥିବା 'ଅଜବ ଖାଦ୍ୟାଭ୍ୟାସ' ଆଲେଖ୍ୟଟି ସତରେ ବେଶ୍ ଚମତ୍କାର ଥିଲା। 'ଦାମୀ ବ୍ରେଡ୍' ପାଠଟିରୁ କେତେକ ନାମୀଦାମୀ ବ୍ରେଡ୍ ସମ୍ପର୍କରେ ଜାଣି ଖୁସି ଲାଗିଲା।

*–ପ୍ରଭୁଦତ୍ତ ପଟ୍ଟନାୟକ, ପଟିଆ, ଭୁବନେଶ୍ୱର*

*ବ୍ୟକ୍ତିତ୍ୱ ପୃଷ୍ଠାରୁ ମଞ୍ଚନାଟକ, ଦୂରଦର୍ଶନ, ଧାରାବାହିକ ତଥା କେତେକ ସିନେମାରେ ଅଭିନୟ କରିଥିବା ତଥା ଏକାଧିକ ନାଟକରେ ନିର୍ଦ୍ଦେଶନା ଦେଇଥିବା ପୂର୍ଣ୍ଣେନ୍ଦୁ ଦତ୍ତଙ୍କ ଜୀବନି ସମ୍ପର୍କରେ ବହୁ ଅଜଣା କଥା ଜାଣିହେଲା। ସୃଜନ ପୃଷ୍ଠାଟି ବି ବେଶ୍ ଚମତ୍କାର ଥିଲା। ଖାସ୍ କରି ଏଥିରେ ସ୍ଥାନିତ 'ଲଟେରୀ' ନାମକ ଗପଟି ହୃଦୟସ୍ପର୍ଶୀ ହୋଇପାରିଥିଲା। ସିନେମା ପୃଷ୍ଠାଟି ବି ଆକର୍ଷଣୀୟ ଲାଗୁଥିଲା।

*–ସୋନାଲି ପାତ୍ର, ସୋନପୁର*

* ଶିକ୍ଷାବିତ୍, ଗାଳ୍ପିକା, ପ୍ରାବନ୍ଧିକା ତଥା ବିଜ୍ଞାନ ଲେଖିକା ସବିତା ମହାପାତ୍ରଙ୍କ ରୋଜଗାର ସମ୍ପର୍କିତ ଲେଖାଟି ଖୁବ୍ ମନଛୁଆଁ ହୋଇପାରିଥିଲା। ସାଥୀର ଉତ୍ତର ବି ରୋମାଣ୍ଟିକ୍ ଲାଗୁଥିଲା। 'ବୃକ୍ଷପ୍ରେମୀ ଲକ୍ଷ୍ମୀଧର' ଏବଂ 'କାହ୍ନୁ ଡୋଲିଆ' ନାମକ ପାଠଦୁଇଟିରୁ ବହୁ ଅଜଣା କଥା ଜାଣିହେଲା। ମଡେଲ୍ ମିରର୍‌ରେ ରିତୁ ବେଶ୍ ସୁନ୍ଦରୀ ଲାଗୁଥିଲେ। ହାଃ ହାଃ ଖୁବ୍ ମଜାଦାର୍ ଥିଲା।

*– ତନୁଜା ସ୍ୱାଇଁ, ସାତଶଙ୍ଖ, ପୁରୀ*

## ବିଶେଷ ଚିଠି



ଏଥରର ପ୍ରଚ୍ଛଦ ପ୍ରସଙ୍ଗ
ଲାଗୁଥିଲା ସିଏ ଭାରୀ ଖାସ୍,
ପଢି ଜାଣିଲି ଯେ, ଏମିତି ବି ମଣିଷ ଅଛନ୍ତି
ଯେଉଁମାନଙ୍କର ରହିଛି ଅଜବ ଖାଦ୍ୟାଭ୍ୟାସ।
ତେଣୁ ହେ ମୋର ପ୍ରିୟ ଛୁଟିଦିନ
ତୁମକୁ ମୋର କୋଟି କୋଟି ପ୍ରଣାମ,
ପ୍ରକାଶ କରୁଥିବାରୁ ଏହିପରି ଅନେକ
ଅଜବ ଅଜବ ଲେଖାମାନ।

**–ରାକେଶ ସୁବୁଦ୍ଧି, ବୁର୍ଲା, ସମ୍ବଲପୁର**

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା: ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com



# ଉତ୍ସବ ସ୍ୱାଧୀନତାର



ଦେଶ ସ୍ୱାଧିନ ହେବା ଏହି ସମୟକୁ ଅପେକ୍ଷା କରି ରହିଥିଲେ ସମଗ୍ର ଦେଶର ଆବାଳବୃଦ୍ଧବନିତା। ଦେଶ ସ୍ୱାଧିନ ହେଲା। ଖେଳିଗଲା ଖୁସିର ଲହରୀ। ଏହି ଅବସରରେ ସେତେବେଳେ ସମଗ୍ର ଭାରତବର୍ଷରେ କିଏ ଦୀପ ଜାଳିଥିଲେ ତ କିଏ ମିଠା ବଣ୍ଟନ କରିଥିଲେ। କିଏ ବାଜା ବଜାଇ ନାଚି ଉଠିଥିଲେ ତ ଆଉ କିଏ ବାଣଫୁଟାଇ, ଫୁଲବିଛାଇ ସ୍ୱାଧୀନତା ଦିବସକୁ ସ୍ୱାଗତ କରିଥିଲେ। ଆଉ ସେବେଠାରୁ ଏପର୍ଯ୍ୟନ୍ତ ଅନେକ ଲୋକ ସ୍ୱାଧିନତା ଦିବସର ସ୍ମୃତିକୁ ମନେ ପକାଇ ନିଜସ୍ୱ ଢଙ୍ଗରେ ସ୍ୱାଧିନତା ଦିବସକୁ ଏକ ଉତ୍ସବ ଆକାରରେ ପାଳନ କରୁଛନ୍ତି...

୧୯୪୭ ମସିହା ଅଗଷ୍ଟ ୧୫ ତାରିଖରେ ଭାରତ ସ୍ୱାଧୀନ ହେଲା। ଏହି ସମୟକୁ ଅପେକ୍ଷା କରି ରହିଥିଲେ ସମଗ୍ର ଦେଶର ଆବାଳବୃଦ୍ଧବନିତା। ତେବେ ଦେଶର ପ୍ରଥମ ସ୍ୱାଧୀନତା ଦିବସର ମହତ୍ତ୍ୱ ଅବିସ୍ମରଣୀୟ। ଏହି ଅବସରରେ ସେତେବେଳେ ସମଗ୍ର ଭାରତବର୍ଷରେ କିଏ ଦୀପ ଜାଳିଥିଲେ ତ କିଏ ମିଠା ବଣ୍ଟନ କରିଥିଲେ। କିଏ ବାଜା ବଜାଇ ନାଚି ଉଠିଥିଲେ ତ ଆଉ କିଏ ବାଣଫୁଟାଇ, ଫୁଲବିଛାଇ ସ୍ୱାଧୀନତା ଦିବସକୁ ସ୍ୱାଗତ କରିଥିଲେ। ଆଉ ସେବେଠାରୁ ଏପର୍ଯ୍ୟନ୍ତ ଅନେକ ଲୋକ ସ୍ୱାଧିନତା ଦିବସର ସ୍ମୃତିକୁ ମନେ ପକାଇ ନିଜସ୍ୱ ଢଙ୍ଗରେ ସ୍ୱାଧିନତା ଦିବସକୁ ଏକ ଉତ୍ସବ ଆକାରରେ ପାଳନ କରୁଛନ୍ତି। ସେମିତି କେତେଜଣ ବ୍ୟକ୍ତିବିଶେଷଙ୍କୁ ନେଇ ଏଥରର ପ୍ରଚ୍ଛଦ...

**ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତି ଓ ବାଲୁଗାଁର ହାକିମ୍ ଖାଁ:** ୧୯୨୭ ମସିହା କଥା। ସେତେବେଳେ ମହାତ୍ମା ଗାନ୍ଧୀଙ୍କ ୧୭ ଦିନିଆ ଓଡ଼ିଶା ଗସ୍ତ। ଏହି ଅବସରରେ ଗାନ୍ଧିଜୀ ଥରେ ଚିଲିକା ଅଞ୍ଚଳର-ବାଲୁଗାଁ ଦେଇ ବାଣପୁରକୁ ଆସିଥିଲେ। କିନ୍ତୁ ସେତେବେଳେ ବାଲୁଗାଁର ଯେଉଁଠାରେ ଗାନ୍ଧିଜୀଙ୍କୁ ସ୍ୱାଗତ କରାଯାଇଥିଲା, ସମୟକ୍ରମେ ବାଲୁଗାଁର ସେହି ବଜାରଛକଠାରେ ରାଜମିସ୍ତ୍ରି ଗଣେଶ ପଲାଇଙ୍କ ଦ୍ୱାରା ଗାନ୍ଧିଜୀଙ୍କ ଏକ ପ୍ରତିମୂର୍ତ୍ତି ନିର୍ମାଣ କରାଯାଇ ସ୍ଥାପନ କରାଯାଇଛି। ବାଲୁଗାଁ ଅଞ୍ଚଳର ପାଇକମାନେ ଏହି ପ୍ରତିମୂର୍ତ୍ତି ସ୍ଥାପନ କରିଥିଲେ। କିନ୍ତୁ ଏହି ପ୍ରତିମୂର୍ତ୍ତିକୁ ଖୁବ୍ ଆପଣାର ଭାବୁଥିଲେ ବାଲୁଗାଁ ଅଞ୍ଚଳର ଜଣେ ଗାନ୍ଧୀପ୍ରେମୀ ମଣିଷ। ସେ ହେଲେ ବାଲୁଗାଁ ମୁସ୍‌ଲିମ ସାହିର ହାକିମ ଖାଁ, ଯେକି ସେ ଅଞ୍ଚଳର ଜଣେ ସୁପରିଚିତ ବ୍ୟକ୍ତି। ତାଙ୍କର ମଝିଆ ପୁଅ ଅଜିଦ ଖାଁ କୁହନ୍ତି- ବାପା ପ୍ରତିଦିନ ସକାଳୁ ଧୋତି, ପାଇଜାମା ଓ ମୁଣ୍ଡରେ ଧଳାଟୋପି ପିନ୍ଧି ବାଲୁଗାଁ ବଜାର ଛକରେ ସ୍ଥାପନା ହୋଇଥିବା ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତି ପାଖରେ ପହଞ୍ଚି ଯାଉଥିଲେ। ଏଠାର ପରିବେଶକୁ ପରିଷ୍କାର ପରିଛନ୍ନ କରୁଥିଲେ। ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିକୁ ପାଣିରେ ଧୋଇ ଫୁଲମାଳ ପିନ୍ଧାଇ ଦେଉଥିଲେ। ଆଉ କିଛି ସମୟ ଏଠାରେ ଠିଆ ହୋଇ ଗାନ୍ଧିଜୀଙ୍କ ଦର୍ଶନ ସମ୍ପର୍କରେ ଲୋକଙ୍କୁ କିଛି କଥା ଶୁଣାଉଥିଲେ। ଏମିତିରେ ଅଗଷ୍ଟ ୧୫, ଜାନୁୟାରୀ ୨୬, ରକ୍ଷାବନ୍ଧନ ଉତ୍ସବରେ ମଧ୍ୟ ଦେଶ ପ୍ରେମ ସମ୍ପର୍କରେ ଓ ଗାନ୍ଧିଜୀଙ୍କ ଦର୍ଶନ ବିଷୟରେ ମହତ କଥା କହିଥାନ୍ତି। ଏହା ତାଙ୍କର ନିତିଦିନିଆ ଅଭ୍ୟାସ ହୋଇ ଯାଇଥିଲା। ତାଙ୍କ ସମ୍ପର୍କରେ ଡାକ୍ତର ତ୍ରୈଲୋକ୍ୟନାଥ ମହାରଣା କୁହନ୍ତି- ହାକିମ୍ ଖାଁଙ୍କୁ ବାଲୁଗାଁ ଅଞ୍ଚଳର ଲୋକେ ଗାନ୍ଧୀବାଦୀ ହାକିମ ମିଆଁ ବୋଲି ଜାଣନ୍ତି। ହାକିମ୍ ଖାଁ ପ୍ରତ୍ୟେକ ଜାତୀୟ ଦିବସରେ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିକୁ ପରିଷ୍କାର କରି ଫୁଲମାଳ ପିନ୍ଧାଉଥିଲେ। ଗାନ୍ଧିଜୀଙ୍କ ତିରୋଧାନ ଦିବସରେ ସେ ମୌନବ୍ରତ ପାଳନ କରୁଥିଲେ। ପ୍ରତିବର୍ଷ ସ୍ୱାଧୀନତା ଦିବସରେ ଗାନ୍ଧୀ ପ୍ରେମୀମାନଙ୍କୁ ମିଠା ବଣ୍ଟନ କରୁଥିଲେ । ୧୯୯୩ ମସିହାରେ ଏହି ଗାନ୍ଧୀବାଦୀଙ୍କ ସମ୍ପର୍କରେ ସୂଚନା ପାଇ ରାଜ୍ୟର କେତେଜଣ ଗାନ୍ଧୀପ୍ରେମୀ ତାଙ୍କୁ ସମ୍ମାନିତ କରିବାକୁ ଆଗ୍ରହ ପ୍ରକାଶ କରିଥିଲେ ମଧ୍ୟ ସେ ଏଥିରୁ ନିବୃତ୍ତ ରହିଥିଲେ। ସେ ସର୍ବଦା ପ୍ରଚାର ପ୍ରସାରଠାରୁ ଦୂରେଇ ରହୁଥିଲେ। ଅବଶ୍ୟ ସେ ଆଉ ଏବେ ନାହାନ୍ତି। ପ୍ରାୟ ୯୪ ବର୍ଷ ବୟସରେ ୧୭ ଫେବୃୟାରୀ ୨୦୨୨ ମସିହାରେ ତାଙ୍କର ଦେହାନ୍ତ ଘଟିଥିଲା। କିନ୍ତୁ ସ୍ୱାଧୀନତା ଦିବସ ଆସିଲେ ଚିଲିକା-ବାଲୁଗାଁ ଅଞ୍ଚଳର ଜଣାଶୁଣା ଗାନ୍ଧୀପ୍ରେମୀ ହାକିମ ଖାଁଙ୍କ କଥା ସ୍ଥାନୀୟ ଅଞ୍ଚଳବାସୀଙ୍କ ମନକୁ ଆସେ।

**ଅଗଷ୍ଟ ୧୫ରେ ଚାରାରୋପଣ ଓ ପତାକା ଉତ୍ତୋଳନ:** ଦେଶର ସ୍ୱାଧୀନତା ଦିବସକୁ ଅନେକ ନାନା ପ୍ରକାର ଖୁସିରେ ପାଳନ କରିଥା'ନ୍ତି। ସବୁରି ମୂଳରେ ଥାଏ ଦେଶଭକ୍ତି। କିନ୍ତୁ ପ୍ରତିବର୍ଷ ଏହି ଦିବସରେ କିଛି ଗଛ ଓ ଚାରାରୋପଣ କରି ସ୍ୱାଧୀନତା ଦିବସ ପାଳନ କରିବା ସହିତ ଜାତୀୟ ପତାକା ଉତ୍ତୋଳନ କରିଥାନ୍ତି ଖୋର୍ଦ୍ଧା ବାଘମାରି ଅଞ୍ଚଳର ଜଣାଶୁଣା ଶିଳ୍ପୀ କଳ୍ପତରୁ ପଣ୍ଡା। ସେ କୁହନ୍ତି- ବିଭିନ୍ନ ଉତ୍ସବ ଅବସରକୁ ମୁଁ ନିଆରା ଢଙ୍ଗରେ ପାଳନ କରିଥାଏ। କିନ୍ତୁ ଏକ ଘଟଣାକ୍ରମରେ ସ୍ୱାଧୀନତା ଦିବସ ଅବସରରେ ବୃକ୍ଷରୋପଣ କରିବା ପାଇଁ ମନସ୍ଥ କରିଥିଲି। ଏମିତି ଥିଲା ସେଦିନର ଏକ ଘଟଣା। ୨୦୧୫ ମସିହା ମାର୍ଚ୍ଚ ମାସର କଥା। ଜମିରେ ଚାଷକାମରେ ସହାୟତା କରୁଥାନ୍ତି କୃଷ୍ଣଚନ୍ଦ୍ର ଖୁଣ୍ଟିଆ। ବୟସ ପ୍ରାୟ ୫୦ ବର୍ଷ ହେବ। ସେ ବିଲରେ କାମ କରୁଥିବା ବେଳେ ହଠାତ୍ ଅସୁସ୍ଥ ଅନୁଭବ କରି ଅଚେତ ହୋଇ ଭୂଇଁରେ ପଡ଼ିଗଲେ। ସେତେବେଳେ ଏହି ଘଟଣାରେ ମୁଁ ଟିକେ ହଡ଼ବଡ଼େଇ ଯାଇଥିଲି। ତା'ପରେ ତାଙ୍କୁ ସେଠାରୁ ଆଣି ନିକଟରେ ଥିବା ଏକ ଗଛମୂଳ ଛାଇରେ କିଛି ସମୟ ବିଶ୍ରାମ ପାଇଁ ନେଇଥିଲୁ। କିଛି ସମୟ ପରେ ତାଙ୍କର ଚେତା ଫେରିଥିଲା। ସେତେବେଳକୁ ସମୟ ପ୍ରାୟ ସକାଳ ୧୦ଟା ହେବ। ତା'ପରେ ସେଠାରୁ ତାଙ୍କୁ ନିକଟସ୍ଥ ଚିକିତ୍ସାଳୟକୁ ଅଣାଯାଇ ଚିକିତ୍ସା କରାଯିବାରୁ ଜଣାପଡ଼ିଥିଲା ଯେ ଅଂଶୁଘାତ ଯୋଗୁ ଏପରି ଘଟିଥିଲା। ସେହିଦିନଠାରୁ ଶପଥ ନେଇ ବୃକ୍ଷରୋପଣ ପାଇଁ ମନସ୍ଥ କରିଥିଲି। ଆଉ ଅପେକ୍ଷା କରିଥିଲି ବର୍ଷାରେ ବୃକ୍ଷରୋପଣ କରିବି। ତେଣୁ ଅଗଷ୍ଟର ଏକ ସ୍ମରଣୀୟ ଦିନ କଥା ମନକୁ ଆସିଲା। ଆଉ ସେହିବର୍ଷ ଅଗଷ୍ଟ ୧୫ ତାରିଖରେ କିଛି ବୃକ୍ଷରୋପଣ ସହିତ ପତାକା ଉତ୍ତୋଳନ କରିଥିଲି। ବୃକ୍ଷରୋପଣରେ ସାମିଲ ହେଉଥିବା ବ୍ୟକ୍ତିଙ୍କୁ ମିଷ୍ଟାନ୍ନ ବଣ୍ଟନ କରିଥାଏ। ଏମିତି କାର୍ଯ୍ୟ ପ୍ରାୟ ୨୦୧୫ ମସିହାଠାରୁ ଚାଲିଛି। ପ୍ରତିବର୍ଷ ଅଗଷ୍ଟ୧୫ ଆସିଲେ

→





କଳ୍ପତରୁ ପଣ୍ଡା



ସେଦିନ କିଛି ଗଛ ନେଇ ସ୍ଥାନୀୟ ପଡ଼ିଆ ଓ ବିଲର ହୁଡ଼ା କଡ଼ରେ ଲଗାଇ ତା'ର ଯତ୍ନ ନେଇଥାଏ ।

**ବସ୍ତି ପିଲାଙ୍କ ସହିତ ସ୍ୱାଧୀନତା ଦିବସ ପାଳନ କରେ:** ପ୍ରତିବର୍ଷ ଅଗଷ୍ଟ ୧୫ ହେଉ କି ଜାନୁୟାରୀ ୨୬ କିମ୍ବା ଗାନ୍ଧୀ ଜୟନ୍ତୀ ଅବା ନେତାଜୀ ଜୟନ୍ତୀ, ସ୍ଥାନୀୟ ବସ୍ତି ଅଞ୍ଚଳର ପିଲାମାନେ ତାଙ୍କୁ ଖୋଜନ୍ତି। ସେ ବି ପିଲାଙ୍କୁ ବିସ୍କୁଟ ଓ ଚକୋଲେଟ ପୁଣି ମିଠେଇ ବଣ୍ଟନ କରି ଆନନ୍ଦ ପାଆନ୍ତି । କେବଳ ସେତିକି ନୁହେଁ, ଦଶହରା ବେଳେ ବିଭିନ୍ନ ମହାପୁରୁଷ ଓ ଦେବଦେବୀଙ୍କ ବେଶଭୂଷାରେ ପିଲାଙ୍କୁ ସଜାଇ ସାହି ବସ୍ତିରେ ବୁଲାନ୍ତି। ବିଭିନ୍ନ ସମୟରେ ଏମିତି ଜନସଚେତନତା କାର୍ଯ୍ୟକ୍ରମ କରିଥାନ୍ତି । ସେ ହେଲେ ୮୨ ବର୍ଷୀୟ ଏନ୍. ଦୁର୍ଗା ରାଓ। ସେ କୁହନ୍ତି– ପ୍ରଥମେ ରହୁଥିଲୁ କଟକ ବକ୍ସି ବଜାରରେ। ଏବେ କିନ୍ତୁ ପ୍ରାୟ ୪୮ ବର୍ଷ ଧରି ରହିଆସୁଛୁ ଭୁବନେଶ୍ୱରର ରସୁଲଗଡ଼ସ୍ଥିତ ଜଗନ୍ନାଥ ନଗର ରୋଡ଼ ନଂ.୧୧ରେ। ସେତେବେଳେ ରେଭିନ୍ୟୁ ଡିପାର୍ଟମେଣ୍ଟରେ କାମ କରୁଥିଲି। ଚାକିରି କାଳ ସରିଗଲା ପରେ କିଛି କାମ କରିବା ପାଇଁ ମନକୁ ଘାରିଲା। ମାତ୍ର ଏଥିପାଇଁ ବସ୍ତି ପିଲାଙ୍କ ଖୁସି ପାଇଁ ବିଭିନ୍ନ ପର୍ବ ଓ ଜାତୀୟ ଦିବସଗୁଡ଼ିକରେ ନିଆରା ଢଙ୍ଗରେ ନିଜସ୍ୱ ଉଦ୍ୟମରେ ଭିନ୍ନ ଭିନ୍ନ କାର୍ଯ୍ୟକ୍ରମ କରିଆସୁଛି । ଏଥିରେ ମାନସିକ ଶାନ୍ତି ମିଳୁଛି। ଘରେ ପୁଅ, ପତ୍ନୀ, ପୁତ୍ରବଧୂ, ନାତି ନାତୁଣୀ ଅଛନ୍ତି। କିନ୍ତୁ ମୁଁ ଦେଖିଲି, ବସ୍ତିପିଲାମାନେ ବିଶେଷ ପାଠ ପଢୁ ନାହାନ୍ତି। ସ୍ୱାଧୀନତା ଦିବସ, ସାଧାରଣତନ୍ତ୍ର ଦିବସ ଏମିତିକି ମହାତ୍ମା ଗାନ୍ଧୀ, ସୁଭାଷ ବୋଷ ଏବଂ ଅନ୍ୟ ମହାପୁରୁଷଙ୍କୁ ଅନେକେ ଜାଣନ୍ତି ନାହିଁ। କିନ୍ତୁ ଜାତୀୟ ଦିବସଗୁଡ଼ିକରେ ବିଭିନ୍ନ ସ୍କୁଲ ଓ କଲେଜରେ ସକାଳୁ ସକାଳୁ ହେଉଥିବା ପ୍ରଭାତଫେରି, ସଫେଇ କାର୍ଯ୍ୟକ୍ରମ ସତେ ଯେମିତି ହଜି ଗଲାଣି। ଆମ ସମୟରେ ସେତେବେଳେ ଗାଁସାରା ବୁଲିବୁଲି ପିଲାମାନେ ଧାଡ଼ି ହୋଇ ବନ୍ଦେ ମାତରଂ ଗାନ କରୁଥିଲେ। ଜାତୀୟ ସଂଗୀତ ବୋଲୁଥିଲେ। ବନ୍ଦେ ମାତରଂ, ସୁଭାଷ ବୋଷ, ମହାତ୍ମା ଗାନ୍ଧୀ, ଭାରତ ମାତାକୀ ଜୟ ସ୍ଲୋଗାନ ଦେଉଥିଲେ। ହେଲେ ଆଜିକାଲି ଏଭଳି ଶବ୍ଦ ଆଉ ସେମିତି ଢଙ୍ଗରେ ଶୁଭୁନି। କିନ୍ତୁ ପିଲାଦିନର ସ୍ମୃତିକୁ ମନେପକାଇ ପିଲାମାନଙ୍କ ମଧ୍ୟରେ ସେଦିନର ସେଇ ଭାବକୁ ଫେରାଇ ଆଣିବାକୁ ପ୍ରୟାସ କରୁଛି। ଏଥିପାଇଁ ସ୍ୱାଧୀନତା ଦିବସରେ ସକାଳୁ ସକାଳୁ ନିଜସ୍ୱ ଉଦ୍ୟମରେ ସ୍ଥାନୀୟ ରାଧାକୃଷ୍ଣ ମନ୍ଦିରଠାରେ ପତାକା ଉତ୍ତୋଳନ କରିଥାଏ। ଏଠାରେ ଉପସ୍ଥିତ ପିଲାଙ୍କୁ ବିସ୍କୁଟ, ଚକୋଲେଟ ଓ ମିଠେଇ ବାଣ୍ଟିଥାଏ। ଏବେ ବସ୍ତି ଅଞ୍ଚଳର ପିଲାମାନେ ମୋତେ ଦେଖିଲେ ଖୁବ୍ ଖୁସି ହୁଅନ୍ତି। ପୁଣି ପ୍ରତିବର୍ଷ ସ୍ୱାଧୀନତା ଦିବସ ଦିନ ମୁଣ୍ଡରେ ଗାନ୍ଧୀ ଟୋପି, ଧଳାପୋଷାକ ପିନ୍ଧି ସାହି ବୁଲିଥାଏ। ଏହି ଦିନ ନିକଟସ୍ଥ ବସ୍ତିପିଲାଙ୍କୁ ଡାକି ଅରୁଆଡାଲମା ଖାଇବାକୁ ଦେଇଥାଏ। ଏଥିଯୋଗୁ ବସ୍ତି ପିଲାମାନଙ୍କର ପାଲଟିଗଲି ଅଜା। ସେମାନଙ୍କ ମଧ୍ୟରେ କେହି କେହି ମତେ ଡାକନ୍ତି ଗାନ୍ଧୀବାଦୀ ଅଜା। ପିଲାମାନଙ୍କ ପାଇଁ ଅଗଷ୍ଟ ୧୫ ହେଉ କି ଜାନୁୟାରୀ ୨୬, ଅନେକ ସମୟରେ ବିଭିନ୍ନ ଚିତ୍ରାଳୟରୁ ବିଭିନ୍ନ ପୋଷାକପତ୍ର ଆଣିଥାଏ। ମହାପୁରୁଷଙ୍କ ବେଶପୋଷାକରେ ପିଲାଙ୍କୁ ସଜାଇ ଆନନ୍ଦ ପାଇଥାଏ। ପତାକା ଉତ୍ତୋଳନ କରିସାରିବା ପରେ ପିଲାଙ୍କ ମଧ୍ୟରେ ସ୍ୱାଧୀନତା ଦିବସ ବିଷୟରେ ଆଲୋଚନା କରିଥାଏ। ସ୍ୱାଧୀନତା କ'ଣ, କେଉଁମାନଙ୍କ ପାଇଁ ଆମେ ସ୍ୱାଧୀନ ହୋଇଛେ ଇତ୍ୟାଦି ସେମାନଙ୍କୁ ମୁଁ କହିଥାଏ। ପ୍ରତିବର୍ଷ ଏହି କାର୍ଯ୍ୟକ୍ରମ କରିଆସୁଛି। ଏବେ ଆଖପାଖ ବସ୍ତିର ପିଲାମାନେ ଏମିତି କାର୍ଯ୍ୟରେ ଯୋଗଦେବାକୁ ଆସିଥା'ନ୍ତି। ସ୍ଥାନୀୟ ଅଞ୍ଚଳର ବିଶିଷ୍ଟ ବ୍ୟକ୍ତିଙ୍କୁ ଅତିଥିଭାବେ ଡାକି ପତାକା ଉତ୍ତୋଳନ କରାଇଥାଏ। ଏମିତି ବସ୍ତିପିଲାଙ୍କୁ ନେଇ ପ୍ରତିବର୍ଷ ପାଳନ କରିଆସୁଛି ସ୍ୱାଧୀନତା ଦିବସ। କାହାରି ଠାରୁ କିଛି ନ ଆଣି ନିଜ ପେନ୍‌ସନ ଟଙ୍କାରୁ ଖର୍ଚ୍ଚକରି ଏହି ପବିତ୍ର କାର୍ଯ୍ୟ କରିପାରୁଥିବାରୁ ନିଜକୁ ଧନ୍ୟ ମଣୁଛି। ଏହାବ୍ୟତୀତ ସ୍ଥାନୀୟ ମନ୍ଦିର ସଫେଇ କରିବା, ଶୀତଦିନେ ଗରିବ ବୁଢ଼ାବୁଢ଼ୀଙ୍କୁ କମ୍ବଳ ବଣ୍ଟନ ଆଦି ଜନମଙ୍ଗଳ କାର୍ଯ୍ୟ କରିଥାଏ।



ସୁଦାମ ଚରଣ ସାହୁ



ଏନ୍. ଦୁର୍ଗା ରାଓ



ହାକିମ୍ ଖାଁ

**ଜଳଯୋଗରେ ସ୍ୱାଧୀନତା ଦିବସ ପାଳନ:** ଘରର ବିଭିନ୍ନ କାମ କରିବା ସହିତ ବଳକା ସମୟରେ ସେ ଜନସଚେତନା ପାଇଁ ସୂଚନା ଅଧିକାର କର୍ମୀ ଭାବେ ବିଭିନ୍ନ ତଥ୍ୟ ସଂଗ୍ରହ କରିଥା'ନ୍ତି। ପରିବାର ଚଳେଇବା ପାଇଁ ବୁଲାବିକାଳି ଭାବେ କାମ କରନ୍ତି। ପ୍ରତିଦିନ ସକାଳୁ ସନ୍ଧ୍ୟା ଯାଏ ନିଜ ରୋଜଗାର ପାଇଁ ବିଭିନ୍ନ ଗାଁକୁ ଗାଁ ଘୂରି ବୁଲନ୍ତି। ସେ ହେଲେ ଖୋର୍ଦ୍ଧା ଜିଲାର ଟାଙ୍ଗି ବ୍ଲକ ଅନ୍ତର୍ଗତ ସରପାରି ଗାଁର ସୁଦାମ ଚରଣ ସାହୁ। ସେ କୁହନ୍ତି– ପ୍ରତିଦିନ ସକାଳୁ ସକାଳୁ ଗାଁ ନିକଟରେ ଥିବା ନଦୀ କିମ୍ବା ପୋଖରୀକୁ ଯାଇ ଜଳରେ କିଛି ସମୟ ଧରି ଯୋଗ କରିଥାଏ। ଏହାକୁ ଜଳଯୋଗ କୁହନ୍ତି। ଅନ୍ୟପକ୍ଷେ ଯଦି କୌଣସି ଦିନ ବନ୍ଧୁଙ୍କ ଘରକୁ ଯାଇଥାଏ, ସେଠାର ଥିବା ଜଳାଶୟରେ ମଧ୍ୟ ଏମିତି ଯୋଗ କରି ସାଧନା ଜାରି ରଖିଥାଏ। ଶରୀର ସୁସ୍ଥ ରହିବା ଲାଗି ଘରେ ଯୋଗ କରୁଥିଲି। ମାତ୍ର ଯେତେବେଳ ନଦୀକୁ ଗାଧୋଇ ଯାଉଥିଲି, ସେଠାରେ ଜଳଯୋଗ ଅଭ୍ୟାସ ହୋଇଗଲା। ତେବେ ଏମିତି କାର୍ଯ୍ୟକୁ ବିଭିନ୍ନ ଜାତୀୟ ଦିବସ ଓ ବିଭିନ୍ନ ପର୍ବପର୍ବାଣୀ ସମୟରେ ଟିକେ ନିଆରା ଢଙ୍ଗରେ ପାଳନ କରିଆସୁଛି। ଏମିତିରେ ପ୍ରତିବର୍ଷ ସ୍ୱାଧୀନତା ଦିବସ ଦିନ ଜାତୀୟ ପତାକା ଓ ମହାତ୍ମା ଗାନ୍ଧୀଙ୍କ ଫଟୋକୁ ଧରି ଜଳଯୋଗ ମାଧ୍ୟମରେ ଉକ୍ତ ଦିନକୁ ସ୍ୱାଗତ କରିଥାଏ। ଏମିତି ପ୍ରାୟ ୧୨ ବର୍ଷ ଧରି ପ୍ରତିବର୍ଷ ଜାନୁୟାରୀ ୨୬ ଓ ଅଗଷ୍ଟ ୧୫ ପାଳନ କରିଆସୁଛି। ଏହି କାର୍ଯ୍ୟକ୍ରମ ଯୋଗ ଦେଉଥିବା ଛୋଟ ଛୋଟ ପିଲାଙ୍କୁ ଚକୋଲେଟ ବାଣ୍ଟିଥାଏ। ଏହା ମତେ ଆନନ୍ଦ ଦେଇଥାଏ।

**ସ୍ୱାଧୀନତା ଦିବସରେ ଦେଶପ୍ରେମ କଥା ମନରେ ଉଙ୍କି ଉଠେ:** ସେ ଜଣେ ଉଚ୍ଚ ଶିକ୍ଷିତ ଯୁବକ। ଗାଁରେ ପ୍ରତିବର୍ଷ ନିଜସ୍ୱ ଉଦ୍ୟମରେ ସ୍ୱାଧୀନତା ଦିବସ ପାଳନ କରିଥାନ୍ତି। ଏଥିରେ ଅନ୍ୟମାନେ ମଧ୍ୟ ତାଙ୍କୁ ସହଯୋଗ କରନ୍ତି। ସେ ହେଲେ କାହ୍ନୁ ଚରଣ ପାଇକରାୟ। ତାଙ୍କ ଘର ଖୋର୍ଦ୍ଧା ଜିଲା ଜଟଣୀ ବ୍ଲକ ଅନ୍ତର୍ଗତ ତିରିମଲ୍ଲ ଗାଁରେ। ସେ କୁହନ୍ତି– ସ୍କୁଲରେ ସ୍ୱାଧୀନତା ଦିବସ ବେଳେ ଗାଁ ବୁଲୁଥିଲୁ। ସମୟକ୍ରମେ ଗାଁର କେତେକ ଯୁବକ ଏକାଠି ହୋଇ ଜାନୁୟାରୀ ୨୬ ଓ ଅଗଷ୍ଟ ୧୫କୁ ପାଳନ କରିଲୁ। ମାତ୍ର ୨୦୦୯ ମସିହାଠାରୁ ନିଜସ୍ୱ ଉଦ୍ୟମରେ ଗାଁର ଛୋଟ ଛୋଟ ପିଲାମାନଙ୍କୁ ଏକାଠି କରି ସ୍ୱାଧୀନତା ଦିବସ ଅବସରରେ କିଛି ଦେଶାତ୍ମବୋଧକ ସଙ୍ଗୀତ, ନୃତ୍ୟ, ଗୀତ ଓ ଚିତ୍ର ପ୍ରତିଯୋଗିତା ଆରମ୍ଭ କଲି। ଏଥିରେ କେତେକ ଯୁବକ ବନ୍ଧୁ ସହଯୋଗ କଲେ। ପୁଣି ଗାଁର ୩ଟି ଅଙ୍ଗନୱାଡ଼ି କେନ୍ଦ୍ରର ପିଲାଙ୍କୁ ସାମିଲ କରାଇ ଚକୋଲେଟ ବଣ୍ଟନ କଲି। ତାସହ ସ୍ୱାଧୀନତା ବିଷୟରେ ଆଲୋଚନା ଓ ପତାକା ଉତ୍ତୋଳନ କରିଥାଉ। ପିଲାମାନେ ଏଥିରେ ସାମିଲ ହେଉଥିବାରୁ ଖୁସି ଲାଗିଥାଏ। ଚଳିତବର୍ଷ ଆଜାଦୀ କା ଅମୃତ ମହୋତ୍ସବ ପାଳନ ପାଇଁ ମନରେ ଖୁବ୍ ଉତ୍କଣ୍ଠା ବଢ଼ିଯାଇଛି।

ଏମାନଙ୍କ ବ୍ୟତିତ ଏମିତି ଅନେକ ବ୍ୟକ୍ତି ଅଛନ୍ତି, ଯେଉଁମାନେ ସ୍ୱାଧୀନତା ଦିବସ ପାଳନକୁ ଭିନ୍ନ ଭିନ୍ନ ଢଙ୍ଗରେ ପାଳନ କରିଥାନ୍ତି।

**– ବନବିହାରୀ ବେହେରା**



କାହ୍ନୁ ଚରଣ ପାଇକରାୟ




# ଟ୍ରାଇ କଲର୍ ଥିମ୍‌ରେ ସଜାନ୍ତୁ ଘର



**ସ୍ୱାଧୀନତା ଦିବସ ଅବସରରେ ମନରେ ଜାତୀୟତା ଭାବ ଆଣିବା ପାଇଁ କିଏ ଟ୍ରାଇ କଲର୍ ଥିମ୍ ବାଲା ପୋଷାକ ପରିଧାନ କରନ୍ତି ତ ଆଉ କିଏ ଟ୍ରାଇ କଲର୍‌ର ବିଭିନ୍ନ ଫ୍ୟାଶନ ଆସେସରିଜ୍‌କୁ ବ୍ୟବହାର କରିଥାନ୍ତି। କିନ୍ତୁ ଆପଣ ଚାହିଁଲେ ଏହି ବିଶେଷ ଦିବସ ଅବସରରେ ଘରର ସାଜସଜ୍ଜାରେ କିଛିଟା ପରିବର୍ତ୍ତନ ଆଣି ଘରକୁ ଭିନ୍ନ ଲୁକ୍ ଦେବା ସହ ଘରର ସଦସ୍ୟଙ୍କ ମନରେ ଦେଶପ୍ରୀତିର ଭାବନା ସୃଷ୍ଟି କରିପାରିବେ। ଯେମିତିକି...**








* ଯଦି ଆପଣଙ୍କ ଘରେ ଅଦରକାରୀ ଭାବେ ମିଲ୍କସେକ୍ ମଗ୍ କିମ୍ବା କୁକିଜ୍ ଜାର୍ ଅଛି, ତେବେ ତାହାକୁ ଭଲ ଭାବେ ସଫାକରି ତ୍ରିରଙ୍ଗା ରଙ୍ଗରେ ପେଣ୍ଟିଂ କରି ସେଥିରେ ଫୁଲ ରଖି ଘରକୁ ସଜାଇପାରିବେ।
* ତ୍ରିରଙ୍ଗାର ତିନି ରଙ୍ଗକୁ ମ୍ୟାଚ୍ କଲା ଭଳି ଭିନ୍ନ ଭିନ୍ନ ରଙ୍ଗୀନ କାଗଜ ଆଣି ସେଥିରେ ବିଭିନ୍ନ ଡିଜାଇନ୍ ଫୁଲ ହେଉ ଅବା ପ୍ରଜାପତି ଶେପ୍‌ର କାଟି ତାହାକୁ କାନ୍ଥରେ ଟାଙ୍ଗି ମଧ୍ୟ ଘରକୁ ଭିନ୍ନ ଲୁକ୍ ଦେଇପାରିବେ।
* ପିଲାମାନଙ୍କର ଷ୍ଟଡି ଟେବୁଲ୍‌କୁ ଡେକୋରେଟ୍ କରିବା ସହ ତାଙ୍କ ମନରେ ତ୍ରିରଙ୍ଗା ପ୍ରତି ସମ୍ମାନ ବୃଦ୍ଧି କରିବାକୁ ଚାହୁଁଥିଲେ, ତାଙ୍କ ଷ୍ଟଡି ଟେବୁଲ୍ ପାଖରେ ଛୋଟ ଛୋଟ ତ୍ରିରଙ୍ଗାର ଚିତ୍ର ଲଗାଇପାରିବେ।
* ତ୍ରିରଙ୍ଗାର ତିନୋଟି ରଙ୍ଗକୁ ମ୍ୟାଚ୍ କଲା ଭଳି ବେଲୁନ୍ କିଣି ମଧ୍ୟ ଘରକୁ ସଜାଇବା ଏକ ସହଜ ଆଉ ସୁନ୍ଦର ଆଇଡିଆ।
* ବେଡ୍‌ରୁମ୍‌ର ସାଜସଜ୍ଜା ପାଇଁ ଆପଣ ଚାହିଁଲେ ନାରଙ୍ଗୀ, ଧଳା ତଥା ସବୁଜ ରଙ୍ଗର ଡୋର୍ ସ୍କ୍ରିନ୍ ଲଗାଇ ମଧ୍ୟ ରୁମ୍‌କୁ ଡେକୋରେଟ୍ କରିପାରିବେ।
* ସେହିପରି ଡ୍ରଇଂ ରୁମ୍‌ରେ ଥିବା ସୋଫା ହେଉ ଅବା କୁସନ୍ ପାଇଁ ତ୍ରିରଙ୍ଗା ରଙ୍ଗକୁ ମ୍ୟାଚ୍ କଲା ଭଳି ଭିନ୍ନ ଭିନ୍ନ ରଙ୍ଗର କଭର୍ କିଣି ମଧ୍ୟ ତାହାକୁ ଭିନ୍ନ ଲୁକ୍ ଦେଇପାରିବେ।
* ଛତାଦ୍ୱାରା ବି ଘରକୁ ସଜାଇହେବ। ନାରଙ୍ଗୀ, ଧଳା ଆଉ ସବୁଜ ରଙ୍ଗର କେତୋଟି ଛତା ଆଣି ତାହାକୁ ଘରର ବିଭିନ୍ନ ସ୍ଥାନରେ ଷ୍ଟାଇଲିଶ୍ ଭାବେ ଟଙ୍ଗାଇ ଘରକୁ ଭିନ୍ନ ଲୁକ୍ ଦେଇପାରିବେ।
* ଅନ୍ୟପକ୍ଷେ ଡାଇନିଂ ଟେବୁଲକୁ ମଧ୍ୟ ଟ୍ରାଇ କଲର୍ ଥିମ୍‌ର ସାଲାଡ୍ ଦ୍ୱାରା ସଜାଇ ଆଟ୍ରାକ୍ଟିଭ୍ ଲୁକ୍ ଦେଇପାରିବେ।
* ଇଣ୍ଡୋର୍ ପ୍ଲାଣ୍ଟର ସଠିକ୍ ଯତ୍ନ ନେଲେ ଘର ପ୍ରଦୂଷଣ ମୁକ୍ତ ରହିବା ସଙ୍ଗେସଙ୍ଗେ ଘରେ ସକାରାତ୍ମକ ଊର୍ଜ୍ଜା ବଢିଥାଏ। ଏହାସହିତ ଘରକୁ ଭିନ୍ନ ଲୁକ୍ ବି ମିଳିଥାଏ। ତେବେ ଏହି ସ୍ୱାଧୀନତା ଦିବସ ଅବସରରେ ଆପଣ ଚାହିଁଲେ ଟ୍ରାଇ କଲର୍ ଥିମ୍‌ର ଫୁଲକୁଣ୍ଡ ଆଣି ତାହାକୁ ଫୁଲ ଦ୍ୱାରା ସଜାଇ ପାରିବେ ନଚେତ୍ ସେଥିରେ କିଛିଟା ଇଣ୍ଡୋର ପ୍ଲାଣ୍ଟ ବି ଲଗାଇପାରିବେ।
* ଏସବୁ ବ୍ୟତିତ ରଙ୍ଗୋଲୀ ଦ୍ୱାରା ବି ସ୍ୱାଧୀନତା ଦିବସରେ ଘରକୁ ଆକର୍ଷଣୀୟ ଲୁକ୍ ଦେଇପାରିବେ। ଟ୍ରାଇ କଲର୍ ଥିମ୍‌ର ରଙ୍ଗୋଲୀରେ ଘରର ବିଭିନ୍ନ ସ୍ଥାନରେ ଖୁବ୍ ସୁନ୍ଦର ସୁନ୍ଦର ଝୋଟି କରି ଘରକୁ ସୁନ୍ଦର ଭାବେ ସଜାଇ ଆପଣ କାହାର ବି ମନ ସହଜରେ କିଣିପାରିବେ।







# ଦୃଷ୍ଟି ଯାହାର ମାଟିରୁ ଆକାଶ
















ମାଟିରୁ ଆକାଶଯାଏ ବ୍ୟାପ୍ତ ତାଙ୍କ ଲେନ୍ସର ପରିଧି । ସାଧାରଣ ଆଖିରୁ ବାଦ୍ ପଡ଼ିଯାଉଥିବା ଦୃଶ୍ୟ କିନ୍ତୁ ତାଙ୍କ କ୍ୟାମେରା ଲେନ୍ସରୁ ବାଦ୍ ଯାଇପାରେନା । ତାଙ୍କ ଫଟୋଗ୍ରାଫି ଦେଖିଲେ ହିଁ ଜଣେ ଜାଣିପାରିବ ଫଟୋଗ୍ରାଫି ସହ ତାଙ୍କ ସମ୍ପର୍କ କେତେ ନିବିଡ଼ । ତାଙ୍କର ଦୃଶ୍ୟ ଦେଖିବା ଆଉ ଉତ୍ତୋଳନ କରିବା ଶୈଳୀ ତାଙ୍କୁ ଦିଏ ଏକ ସ୍ୱତନ୍ତ୍ର ପରିଚୟ । ସେ ହେଲେ ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ଫଟୋଗ୍ରାଫର ପ୍ରଫୁଲ୍ଲ ଚନ୍ଦ୍ର ଧୀର । ପ୍ରଫୁଲ୍ଲଙ୍କ ଘର ଅବିଭକ୍ତ କଟକ ଜିଲା (ବର୍ତ୍ତମାନର ଯାଜପୁର)ର ଗଡ଼ମଧୁପୁରରେ । ବାପା ନୀଳମଣି ଧୀର ଓ ମା' ଶକୁନ୍ତଳା ଧୀର । ପିଲାବେଳେ ପିଉସାଙ୍କ ପାଖରେ ରହି ପ୍ରଥମେ ପୁରୀରେ ଓ ପରେ କ୍ୟାପିଟାଲ ହାଇସ୍କୁଲକୁ ଆସନ୍ତି ପଢ଼ିବାକୁ । ପାଠପଢ଼ା ପରେ ସେ ପ୍ରଥମେ ବୁର୍ଲାରେ ଚାକିରି କରନ୍ତି । ସେହିଠାରେ ତାଙ୍କର ଜଣେ ବନ୍ଧୁ ବୁର୍ଲା ମେଡିକାଲ କଲେଜରେ ଆର୍ଟିଷ୍ଟ କମ୍ ଫଟୋଗ୍ରାଫର ଭାବରେ ଚାକିରି କରୁଥାଆନ୍ତି । ତାଙ୍କୁ ଗୋଟେ କୋଡାକ୍ ବ୍ରାଉନିଂ କ୍ୟାମେରା ଦିଆଯାଇଥାଏ । କିନ୍ତୁ ତାଙ୍କ ବନ୍ଧୁଙ୍କୁ ଫଟୋଗ୍ରାଫି ବିଷୟରେ କିଛି ବି ଜଣା ନ ଥାଏ । ସେହି କ୍ୟାମେରାରେ ପ୍ରଫୁଲ୍ଲ ତିନି ଟଙ୍କା ପଚାଶ ପଇସାର ବ୍ଲାକ ଆଣ୍ଡ ହ୍ୱାଇଟର ରିଲ ପକାଇ ମନଇଚ୍ଛା ଫଟୋ ଉଠାନ୍ତି । ଆଉ ଏହିଠାରୁ ହିଁ ଆରମ୍ଭ ହୁଏ ତାଙ୍କର ଫଟୋଗ୍ରାଫି ସହ ପରିଚୟ । ଏହାପରେ ସେ ରେଳବାଇରେ ଚାକିରି ପାଇ ବିଳାସପୁର ଚାଲିଯାଆନ୍ତି । ବିଳାସପୁରରେ ସେ ଯେଉଁ ହୋଟେଲରେ ଖାଆନ୍ତି, ତା'ପାଖରେ ଏକ ଷ୍ଟୁଡିଓ ଥାଏ । ତା'ର ମାଲିକ ଜଣେ ବଙ୍ଗୀୟ ଭଦ୍ରବ୍ୟକ୍ତି । ବାପପୁଅ ମିଶି ଷ୍ଟୁଡିଓରେ ବସନ୍ତି । କିନ୍ତୁ ପୁଅର ଜମା ବସିବାକୁ ଇଚ୍ଛା ନ ଥାଏ । ପ୍ରଫୁଲ୍ଲ କୁହନ୍ତି, 'ମୋର କ୍ୟାମେରା ବିଷୟରେ ଜାଣିବାକୁ ବହୁତ ଇଚ୍ଛା ଥାଏ ।' ମୁଁ ଯାଇ ସେଠାରେ ବସୁଥିଲି । ମୋର ଆଗ୍ରହ ଦେଖି ଦିନେ ଷ୍ଟୁଡିଓ ମାଲିକ ପଚାରିଲେ, ତୁମେ ଫଟୋଗ୍ରାଫି ଶିଖିବାକୁ ଚାହୁଁଛ କି ? ମୁଁ ସଙ୍ଗେ ସଙ୍ଗେ ହଁ କରିଦେଲି । ତା'ପରେ ଏମିତି ହେଲା ଯେ, ତାଙ୍କ ପୁଅ ନ ଥିବା ସମୟରେ ମୁଁ ହିଁ ଷ୍ଟୁଡିଓରେ ବସିଲି । ଏହି ସମୟରେ ଷ୍ଟୁଡିଓ ଆଲମାରିରେ ଥିବା ଅନେକ ଫଟୋଗ୍ରାଫି ବହି ମୁଁ ପଢ଼ିଛି । ତିନିମାସ ମଧ୍ୟରେ ସେସବୁ ପଢ଼ି ଷ୍ଟୁଡିଓରୁ କ୍ୟାମେରା ନେଇ ପରୀକ୍ଷାନିରୀକ୍ଷାରେ ଲାଗିଗଲି, ଯାହା ଥିଲା ମୋର ବିଧିବଦ୍ଧ ଫଟୋଗ୍ରାଫିର ଟ୍ରେନିଂ । ଏହାପରେ ଜଟଣୀକୁ ଟ୍ରାନ୍ସଫର ହୋଇଗଲା । ଫଟୋଗ୍ରାଫିର ସଉକ ଥାଏ, କିନ୍ତୁ କ୍ୟାମେରା ନ ଥାଏ । ଏଣୁ ୨୫୦ ଟଙ୍କାରେ ଗୋଟେ ପୁରୁଣା କ୍ୟାମେରା କିଣିଲି । ଆଉ ଫଟୋ ଉଠାଇ ବିଭିନ୍ନ ଖବରକାଗଜ ଓ ପତ୍ରପତ୍ରିକାକୁ ପଠେଇଲି । ଫଟୋ ପ୍ରକାଶ ପାଇବାର ଖୁସି ସେତେବେଳେ ଅବର୍ଣ୍ଣନୀୟ । ସେତେବେଳେ କଳାଧଳା ଫଟୋଗ୍ରାଫିର ସମୟ । ଫଟୋଉଠା ସହ ପ୍ରୋସେସିଂ ସବୁ ନିଜେ କରିବାକୁ ହୁଏ । ଏମିତି ଫଟୋଗ୍ରାଫି କରୁ କରୁ ଫଟୋଟିଏ ପଠାଇଲି ବଙ୍ଗଳା ପତ୍ରିକା 'ନବକଲ୍ଲୋଳ'କୁ । ଫଟୋ ପ୍ରକାଶ ପାଇବା ସହ ଅଜସ୍ର ପ୍ରଶଂସା ବି ମିଳିଲା । ଅନୁରୋଧ ଆସିଲା ଅନେକ ପତ୍ରିକାରୁ । ପରେ ପରେ ଇଲୁଷ୍ଟ୍ରେଟେଡ୍ ଉଇକ୍ଲି ଅଫ୍ ଇଣ୍ଡିଆ, ସ୍ୱରାଜ, କାରଭାନ୍ ପରି ଇଂଲିଶ୍ ପତ୍ରିକାଠାରୁ ଆରମ୍ଭ କରି ହିନ୍ଦୀ, ବଙ୍ଗଳା, ତେଲୁଗୁ, କନ୍ନଡ଼ ଆଦି ବିଭିନ୍ନ ଖବରକାଗଜ ଓ ପତ୍ରପତ୍ରିକାରେ ମୋର ଫଟୋ ପ୍ରକାଶ ପାଇବାକୁ ଲାଗିଲା ।

୧୯୬୯ ମସିହା କଥା । ୟୁନେସ୍କୋ ଜାପାନରେ 'ୱାଟର ଆଣ୍ଡ ଲାଇଫ୍' ବିଷୟକୁ ନେଇ ଏକ ଫଟୋ ପ୍ରତିଯୋଗିତା ହେଉଥାଏ, ଯେଉଁଥିରେ ବିଭିନ୍ନ ଦେଶରୁ ପ୍ରତିଯୋଗୀମାନେ ଅଂଶ ଗ୍ରହଣ କରିଥିଲେ । ଆଉ ଖୁସିର କଥା, ଭାରତରୁ କେବଳ ମୋ ଫଟୋ ହିଁ ଚୟନ କରାଯାଇଥିଲା ; ଯାହାକି ସେ ବର୍ଷ ୟୁନେସ୍କୋ ଫଟୋ କ୍ୟାଲେଣ୍ଡରରେ ସ୍ଥାନ ପାଇଥିଲା । ଫଟୋଟି ଥିଲା, ରାଜସ୍ଥାନରେ ବର୍ଷା ହେବା ପରେ ସେଠାକାର ଲୋକମାନେ କିପରି ଓଟ ପିଠିରେ ପାଣି ଲଦି ନେବା ସହ ଛୋଟ ପିଲାମାନେ ମଧ୍ୟ ବାସନକୁସନରେ ବର୍ଷାପାଣି ସଂଗ୍ରହ କରି ନେଉଥାନ୍ତି ।' ମୁଖ୍ୟତଃ ଆର୍ଟ ଫଟୋଗ୍ରାଫିରେ ରୁଚି ରଖୁଥିବା ପ୍ରଫୁଲ୍ଲ ସାରା ଭାରତର କୋଣ ଅନୁକୋଣ ବୁଲିଛନ୍ତି କେବଳ ଫଟୋଗ୍ରାଫି ନିଶାରେ । ଆର୍ଟ ଫଟୋଗ୍ରାଫ ସହ ନ୍ୟୁଜ ଫଟୋଗ୍ରାଫି ବି କରିଛନ୍ତି । ନ୍ୟୁଜ୍ ଫଟୋଗ୍ରାଫି ସମୟର ଏକ ଘଟଣା ମନେପକାଇ ସେ କୁହନ୍ତି, ''କୌଣସି ନ୍ୟୁଜ୍ ସଂସ୍ଥା ସହ ଜଡିତ ନ ହୋଇ ମଧ୍ୟ ନିଜ ଆଗ୍ରହରେ ଯାଇଥାଏ ଫଟୋ ଉଠାଇବାକୁ । ଏହା ହେଉଛି ମହାବାତ୍ୟା ବେଳର କଥା । ଗୋଟିଏ ଫଟୋ କ୍ଲିକ୍ କରି ଗୋଡ଼ ଟେକିଲା ବେଳକୁ ମୋ ଜୋତାରେ କିଛି ଗୁଡ଼େଇ ହେବା ଭଳି ଲାଗିଲା । ତଳକୁ ଚାହିଁ ଦେଖିଲି ଯେଉଁଠି ମୋ ଗୋଡ଼ ପଡ଼ିଥିଲା ତାହା ଥିଲା ଗୋଟେ ଗଳିତ ମୃତଦେହ । ଆଉ ଯାହା ମୋ ଗୋଡ଼ରେ ଗୁଡ଼େଇ ହୋଇଥିଲା, ତାହା ଥିଲା ସେ ମୃତଦେହର ଅନ୍ତନାଡି । ଶିତେଇ ଉଠିଥିଲା ମୋ ଦେହ । ଏବେ ବି ମନେପଡ଼ିଯାଏ ସେ ଦୁଃଖଦ ମୁହୂର୍ତ୍ତର କଥା । ନ୍ୟୁଜ୍ ଫଟୋଗ୍ରାଫି ସମୟରେ ଅନେକ ଜନନାୟକଙ୍କ ଫଟୋ ଉଠାଇ ବି ଚର୍ଚ୍ଚାକୁ ଆସିଛି । ମୋର ଜଣେ ବନ୍ଧୁ ପ୍ରଶାନ୍ତ ପଟ୍ଟନାୟକଙ୍କ ସହ ମିଶି ବିଭିନ୍ନ ଖବରକାଗଜ ଓ ମାଗାଜିନ୍ ପାଇଁ ବି କାମ କରିଛି ।''

ମୁଖ୍ୟତଃ ନେଚର ଫଟୋଗ୍ରାଫି କରୁଥିବା ପ୍ରଫୁଲ୍ଲଙ୍କର କିନ୍ତୁ ବନ୍ୟଜନ୍ତୁ ଫଟୋଗ୍ରାଫିରେ ରହିଛି ଅସମ୍ଭବ ଦକ୍ଷତା । ସେଥିପାଇଁ ସେ ୧୫୦ରୁ ଅଧିକ ଜାତୀୟ ଓ ଅନ୍ତର୍ଜାତୀୟ ପୁରସ୍କାରରେ ସମ୍ମାନିତ ହୋଇଛନ୍ତି । ଯେଉଁଥିରେ କେନ୍ଦ୍ର ଲଳିତ କଳା ଏକାଡେମୀ, ଦୁଇଥର ଓଡ଼ିଶା ଲଳିତ କଳା ଏକାଡେମୀ ସହ ୨୦୦ରୁ ଅଧିକ ଜାତୀୟ ଓ ଅନ୍ତର୍ଜାତୀୟ ପ୍ରଦର୍ଶନୀରେ ଅଂଶଗ୍ରହଣ କରି ପୁରସ୍କୃତ ଓ ସମ୍ମାନିତ ହୋଇଛନ୍ତି । ଏହାସହ ସେ କ୍ୟାମେରା ସୋସାଇଟି ଅଫ୍ ଓଡ଼ିଶା, ଫେଡେରେଶନ୍ ଅଫ୍ ଇଣ୍ଡିଆନ୍ ଫଟୋଗ୍ରାଫି, ଇଣ୍ଡିଆ ଇଣ୍ଟରନ୍ୟାଶନାଲ୍ ଫଟୋଗ୍ରାଫି କାଉନସିଲ୍ ଇତ୍ୟାଦିରେ କର୍ମକର୍ତ୍ତା ରହିଛନ୍ତି । ଓଡ଼ିଶା ଫାଉଣ୍ଡେଶନ୍ ଅଫ୍ ଆର୍ଟର ଜଣେ ପ୍ରତିଷ୍ଠାତା ସଭ୍ୟ ଥିବାବେଳେ ଫେଡେରେଶନ୍ ଅଫ୍ ଇଣ୍ଡିଆନ୍ ଫଟୋଗ୍ରାଫିର ସେ ପ୍ରକୃତି ଓ ବନ୍ୟପ୍ରାଣୀ ବିଭାଗ ଦାୟିତ୍ୱରେ ମଧ୍ୟ ଅଛନ୍ତି । ଫଟୋଗ୍ରାଫିକୁ ନେଇ ଜିଉଁଥିବା ପ୍ରଫୁଲ୍ଲଙ୍କ ପାଖରେ ରହିଛି ଅନେକ ଦେଶୀ ବିଦେଶୀ କ୍ୟାମେରା । ଟିକେ ଫୁର୍‌ସତ ମିଳିଲେ କ୍ୟାମେରା ଧରି ଚାଲିଯାଆନ୍ତି ପ୍ରକୃତି କୋଳକୁ । ତାଙ୍କ ଫଟୋଗ୍ରାଫି ନିଶା ପାଇଁ ପତ୍ନୀ ପରିବାରର ପୁରା ଦାୟିତ୍ୱ ନିଜେ ହିଁ ନେଉଥିଲେ । ହେଲେ ସେ ନିକଟରେ ଚାଲିଯିବା ପରେ ସେ ଏକା ସତ କିନ୍ତୁ ୮୩ ବର୍ଷ ବୟସରେ ବି ଫଟୋଗ୍ରାଫି ପାଇଁ ବେଶ୍ ଚଳଚଞ୍ଚଳ । ଏ ବୟସରେ ବି ଜିମ୍ କର୍ବେଟ୍ ନ୍ୟାଶନାଲ ପାର୍କରେ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିଥାଆନ୍ତି ବାଘକୁ । ଜୀବଜନ୍ତୁଙ୍କ ବିରଳ ଠାଣିରେ ଫଟୋ ଉଠାଇବା ପାଇଁ ଭୁଲିଯାଆନ୍ତି ସେ ଭୋକଶୋଷ ଆଉ ବୟସର ତାଗିଦାକୁ ।– **ରୋଜାଲିନ୍ ମହାନ୍ତି**



# ସ୍ୱାଧୀନତାର ଆନନ୍ଦ

**–ସୁବାସିନୀ ଶତପଥୀ**

ସରକାରୀ ଉଚ୍ଚ ବିଦ୍ୟାଳୟର ଅଷ୍ଟମ ଶ୍ରେଣୀର ଛାତ୍ର ପାଗୁଲୁ। ବାପଛେଉଣ୍ଡ। କରୋନା ବେକ ମୋଡ଼ି ବାପାକୁ ମରଣ ମୁହଁକୁ ଟାଣି ନେଲା ପରେ ପଦାକୁ ଗୋଡ଼ କାଢି ନଥିବା ମାଆଟି ପରଘରେ ପାଇଟି କଲା । ଯାହା ରୋଜଗାର ସେତିକିରେ ତିନି ପ୍ରାଣୀ କଷ୍ଟେମଷ୍ଟେ ଚଳନ୍ତି। ପାଗୁଲୁ ଭଲ ପଢେ, ଭଲ ଖେଳେ, ଭଲ ଗୀତ ଗାଏ। ପାଗୁଲୁ ମୁଣ୍ଡକୁ ହାତ ପାଇଲେ ଦୁଃଖ ଘୁଞ୍ଚିବ ବୋଲି ଭାବି ମାଆଟି କାମ କରୁଥାଏ। ବାବୁ ଘରକୁ ମାଆଟି ଗଲା ବେଳର ସମୟ ଥାଏ ହେଲେ ଆସିବାର ସମୟରେ ସ୍ୱାଧୀନତା ନଥାଏ ।

ଏଥରକ ସ୍ୱାଧୀନତା ଦିବସ ପାଇଁ ଜିଲ୍ଲାସ୍ତରୀୟ ପ୍ୟାରେଡ଼ରେ ଭାଗ ନେଇଛି ପାଗୁଲୁ। ଭଲ ସ୍ୱାସ୍ଥ୍ୟ ଓ ଚେହେରା ତା'ର। ଭଲ କରୁଛି ପ୍ୟାରେଡ଼। ଧାଡି ଆଗରେ ସ୍କୁଲ ପତାକା ଧରି ପ୍ୟାରେଡ଼ କରିବ। ସ୍କୁଲକୁ ତା'ର ମାଆକୁ ଡକେଇ ପାଗୁଲୁର ପ୍ୟାରେଡ଼ ପାଇଁ ଫୁଲ୍ ହାତବାଲା ଧଳା ସାର୍ଟ, ଧଳା ଫୁଲ ପ୍ୟାଣ୍ଟ, ଧଳା ଜୋତା ଓ ଗ୍ଲୋଭସ କିଣିବାକୁ କହିଛନ୍ତି ସାର। ପାଗୁଲୁ ବୁଝୁଥିଲା ଏତେ ପଇସା ମାଆ ବାବୁ ଘରୁ ଆଣିଲେ ମାସକ ଘର ଚଳିବାରେ ବହୁତ ଅସୁବିଧା ହେବ। ତଥାପି ପ୍ୟାରେଡ଼ କରିବାର ଖୁସିରେ ସେ ଖେଳଛୁଟିରେ ବାହାରୁ ବୁଟ ସିଝା, ଘୁଗୁନି କି କୁରକୁରେ କିଣି ଖାଇବନି ବୋଲି ମନସ୍ଥ କରିଛି । ଖାତା କି କଲମ ପାଇଁ ମାଆକୁ ପଇସା ନ ମାଗି ମାସକ ଚଳେଇ ଦେବ ଭାବିଛି । ଅଗଷ୍ଟ ପନ୍ଦର ଯେତିକି ଯେତିକି ପାଖେଇ ଆସୁଥିଲା ପାଗୁଲୁ ପ୍ୟାରେଡର ନେତୃତ୍ୱ ନେବାକୁ ନେଇ ସେତିକି ଉତ୍ସାହିତ ଥିଲା । ଭଲରେ ପ୍ୟାରେଡ଼ କରି ସ୍କୁଲ ପାଇଁ କପ୍ ଆଣିବ ଏବଂ ତାକୁ ସମସ୍ତେ ପ୍ରଶଂସା କରିବେ ବୋଲି ବହୁତ ଖୁସି ହେଉଥାଏ। ପାଗୁଲୁର ଖୁସିରେ ମାଆର ଖଟିଖିଆ ଦେହରେ ବଳ ଆସି ଯାଉଥାଏ।

ସାନ ପୁଅ ଫୁକୁଲୁ ପାଗୁଲୁ ଭାଇକୁ ଶୁଣେଇ ଦେଇଛି ପ୍ୟାରେଡ଼ ପଡିଆରେ ପିଲାଙ୍କୁ ମିଳୁଥିବା ସେଓ ବୁନ୍ଦୀ ପୁଡ଼ିଆ ନଖାଇ ଘରକୁ ଆଣି ତାକୁ ଦେବାକୁ। ଦୁଇ ପୁଅ ଖୁସି। ଜଣେ ପ୍ୟାରେଡ଼ କରିବ। ଆରଜଣଙ୍କ ପ୍ୟାରେଡ଼ ଦେଖି ଭାଇର ସେଓ ବୁନ୍ଦୀ ଖାଇ ଖାଇ ଆସିବ । ଆକାଶକୁ ଛଡ଼ା ହେଉଥିବା ତ୍ରିରଙ୍ଗା ବେଲୁନ ଗୋଟିଏ ମାଗିଆଣିବ।

ଲଘୁଚାପ ବର୍ଷା ତିନି ଦିନ ହେଲା କାଟୁଛି । ଜିଲ୍ଲା ପ୍ୟାରେଡ଼ ପଡ଼ିଆରେ ସହରର ସବୁ ନର୍ଦ୍ଦମା ପାଣି । ଜିଲ୍ଲା ପ୍ରଶାସନ ତରଫରୁ ନିର୍ଦ୍ଦେଶ ଆସିଯାଇଛି ସବୁ ଅଂଶଗ୍ରହଣକାରୀ ଅନୁଷ୍ଠାନକୁ ଉତ୍ସବ ପାଳନ ନିଜ ନିଜ ସ୍କୁଲରେ କରେଇ ନେବାକୁ।

ଦୁଃଖରେ ପାଗୁଲୁ, ଫୁକୁଲୁ । ମାଆର ସ୍ୱାଧୀନତା ନାହିଁ ମାସକ ପାଇଁ ପୁଅ ଦୁହିଁଙ୍କୁ ଛୋଟିଆ ଜିନିଷଟେ କିଣେଇ ଦେବାକୁ । ଆର ବର୍ଷ ସ୍ୱାଧୀନତା ଦିବସରେ ତାକୁ ପ୍ୟାରେଡ଼ କରିବାର ସ୍ୱାଧୀନତା ମିଳିବ କି ନା ପାଗୁଲୁ ଭାବୁଥିଲା ।

*– ବଳଗଣ୍ଡି, ପୁରୀ*

*ମୋ:୯୬୬୮୩୭୫୧୫୦*

# ଦେଶ: ଏକ ବିରୋଧାଭାସ

**–ଡକ୍ଟର କନକ ମଂଜରୀ ପଟ୍ଟନାୟକ**

ବିଶ୍ୱ ମାନଚିତ୍ରର ଏକ ସୁନ୍ଦର ଦୃଶ୍ୟ
ମୋ ଦେଶ କୋଟି କୋଟି ସନ୍ତାନ ତା'
ଦେଶପ୍ରାଣ, ବିଶ୍ୱ ବରଣୀୟ
ମଥାରେ ତା' ଅଜସ୍ର ସଫଳତାର
ଅଦ୍ୱିତୀୟ ଶିରସ୍ତ୍ରାଣ ।

ଏକ ବିଂଶ ଶତାବ୍ଦୀର
ସମୟ ଛାତିରେ ଛିଡ଼ା
ସେଇ ମୋ ଦେଶ
ଆଜି ଏକ ବିରୋଧାଭାସ !

ଲକ୍ଷ୍ମୀବାଈ, ଅହଲ୍ୟା ବାଈ
ପଦ୍ମିନୀଙ୍କ ଦେଶ, ଆଜି ଆତଙ୍କିତ
ପ୍ରତିଦିନ ଫୁଟୁଥିବା ଫୁଲଙ୍କ ପାଇଁ,
ଶତଶତ ବୀରାଙ୍ଗନାଙ୍କ ଦେଶ
ଲୁଚାଇ ରଖେ ଅଶ୍ରୁ
ଦୁଷ୍କର୍ମ ପୀଡ଼ିତା କିଶୋରୀଟିଏ ପରି ।

ପ୍ରତି ଗଳିରୁ ଆଜି ପ୍ରତିଧ୍ୱନିତ ହୁଏ
ଦେଶର ଆହ୍ୱାନ,
ପ୍ରମାଣିତ କରିବାକୁ
ନାଗରିକତାର କୁନ୍ଦନତ୍ୱ
ତା' ମୋହରେ ଝାସ ଦେଇ ।

ଦେଶ ଏବେ ସ୍ୱାବଲମ୍ବୀ
ଶିଥିଳତା ନ ଆସୁ ତା' ଅଗ୍ରଗତିରେ,
ଆମେ ସବୁ ମନୁପୁତ୍ର
ଦେଶପାଇଁ କଳଙ୍କ ନ ହେଉ,
ପୁଣି ଥରେ ଉଚ୍ଚାରିତ ହେଉ
ଦେଶ କଣ୍ଠରୁ ସେଇ ଉଦା ସ୍ୱର–
ସର୍ବେ ଭବନ୍ତୁ ସୁଖୀନଃ
ସର୍ବେ ସନ୍ତୁ ନିରାମୟା
ସର୍ବେ ଭଦ୍ରାଣି ପଶ୍ୟନ୍ତୁ
ମା କଶ୍ଚିତ ଦୁଃଖଭାଗ ଭବେତ୍ ।

*–ପ୍ଲଟ୍ ନଂ–୩, ଗୌରୀ ବିହାର*
*ଭୁବନେଶ୍ୱର–୨*
*ମୋ : ୯୪୩୮୬୦୫୧୫୪*



# ସମର୍ପଣ

**–ବନ୍ଦିତା ଦାଶ**

ଚାରିପାଖେ ଗୁଞ୍ଜରିତ ଅମୃତର ବାର୍ତ୍ତା
କେତେକେତେ କ୍ରାନ୍ତିବୀର ଗାଥା
କେବଳ ଆଜି କାହିଁକି...
ସବୁଦିନ ହେଉ ଉଚ୍ଚାରିତ
ଅଳନ୍ଧୁ ଝାଡିଦେଇ ମନରୁ ଆମର
ଚାଲ ଗାଇବା ମାନବିକତାର ଗୀତ
ସେ ଧ୍ୱନିରେ ମୁଖରିତ ହେବ ଚାରିପାଖ
ମାଟିର ମଣିଷ ମୁଁ
ଜାଣେନା ଅନ୍ତରୀକ୍ଷ...
ଆସ, ଆସ ମୋର ଅଗଣିତ ଭଉଣୀ ଓ ଭାଇ
'ବସୁଧୈବ କୁଟୁମ୍ବକମ୍' କହି
ଜପୁଥିବା ମହାମନ୍ତ୍ର....
ଅରଟ କି ତିନୋଟି ମାଙ୍କଡ ...
ଅଶୋକଙ୍କ ସ୍ତମ୍ଭ କି ତ୍ରିରଙ୍ଗା ଲହର
ମୋ' ପବିତ୍ର ମାଟି ପାଦତଳେ
ସଦା ସମର୍ପିତ....।

*–କାଂଶବାହାଲ, ସୁନ୍ଦରଗଡ*
*ମୋ: ୮୦୧୮୦୯୮୯୨୮*




# ପୁଣି ଥରେ ଆକ୍ସନ ଅବତାର


ଅଜୟ ଦେବଗନ

ଅଜୟ ଦେବଗନଙ୍କର ବଲିଉଡ୍ କ୍ୟାରିୟର ଆରମ୍ଭ ହୋଇଥିଲା 'ଫୁଲ ଔର କାଣ୍ଟେ'ରୁ। ଏଥିରେ ତାଙ୍କୁ ଆକ୍ସନ ଅବତାରରେ ଦେଖିବାକୁ ମିଳିଥିଲା। ତା'ପରେ ମଧ୍ୟ ସେ ବେଶ୍ କେତୋଟି ଆକ୍ସନ-କମ୍-ରୋମାଣ୍ଟିକ ଫିଲ୍ମରେ ଅଭିନୟ କରି ନିଜକୁ ନାୟକ ଦୌଡରେ ସାମିଲ କରିଥିଲେ। ଏବେ ସେ ଫିଲ୍ମ ପ୍ରଯୋଜନା କରିବା ସହ ନିର୍ଦ୍ଦେଶନାରେ ବି ପାଦ ଥାପିଛନ୍ତି। ୟୁ ମି ଔର ହମ୍, ଶିବାୟ, ରନ୍‌ୱେ ୩୪ରେ ସଫଳ ନିର୍ଦ୍ଦେଶନା ଦେବା ପରେ ଏବେ ତାମିଲ ବ୍ଲକ ବଷ୍ଟର ଫିଲ୍ମ 'କଇଥି'ର ରିମେକ୍ 'ଭୋଲା' ଚଳଚ୍ଚିତ୍ରକୁ ନିର୍ଦ୍ଦେଶନା ଦେଉଛନ୍ତି। ତା'ସହ ଏହାର ମୁଖ୍ୟ ଭୂମିକାରେ ମଧ୍ୟ ସେ ଅଭିନୟ କରୁଛନ୍ତି। ବାପା-ଝିଅର ଅନାବିଳ ସ୍ନେହ ସମ୍ପର୍କକୁ ନେଇ ଏହାର କାହାଣୀ ଗତିଶୀଳ। ଏଥିରେ ଅଜୟଙ୍କ ବ୍ୟତୀତ ତବୁ ଏବଂ ଦୀପକ ଦୋବ୍ରିୟାଲଙ୍କୁ ଦେଖିବାକୁ ମିଳିବ। ଏହି ଫିଲ୍ମ ବିଷୟରେ ଅଜୟ କହନ୍ତି, 'ବାପା-ଝିଅର ସମ୍ପର୍କ ଉପରେ କାହାଣୀ ସିନା ଆଧାରିତ ହେଲେ ଏଥିରେ ଆକ୍ସନ ଦୃଶ୍ୟ ଭରି ରହିଛି। ଏହାର ଶୁଟିଂ ବର୍ତ୍ତମାନ ହାଇଦ୍ରାବାଦରେ ଚାଲୁ ରହିଛି।' ଏଥିରେ ଥିବା ଆକ୍ସନ ଦୃଶ୍ୟଗୁଡିକୁ ନିର୍ଦ୍ଦେଶନା ଦେଉଛନ୍ତି ନାମୀ ଆକ୍ସନ ଡାଇରେକ୍ଟର ଯୋଡି ରାମାଜନ ବୁଲୁତ-ଆର.ପି.ଯାଦବ। ଆଉ ଫିଲ୍ମଟି ଆସନ୍ତାବର୍ଷ ମାର୍ଚ୍ଚ ୩୦ରେ ମୁକ୍ତିଲାଭ କରିବାର ଯୋଜନା ରହିଛି।


# କଥା ବୀରତ୍ୱର

ଓଡ଼ିଶାର ସ୍ୱାଧୀନତା ସଂଗ୍ରାମୀମାନଙ୍କ ମଧ୍ୟରେ ଅନ୍ୟତମ ଚର୍ଚ୍ଚିତ ବ୍ୟକ୍ତିତ୍ୱ ଥିଲେ ଜୟୀ ରାଜଗୁରୁ। ବ୍ରିଟିଶ୍ ଶାସନ ବିରୋଧରେ ସ୍ୱର ଉତ୍ତୋଳନ କରିଥିଲେ ସେ। ତାଙ୍କର ରଣହୁଙ୍କାରରେ ଉତ୍ସାହିତ ହୋଇ ଅନେକ ଲୋକ ତାଙ୍କ ସହ ହାତ ମିଳାଇଥିଲେ। ଜୟୀ ରାଜଗୁରୁଙ୍କ ବୀରତ୍ୱ ଓଡ଼ିଶା ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ। ଏପରି ଜଣେ ବୀର ସ୍ୱାଧୀନତା ସଂଗ୍ରାମୀଙ୍କ ଜୀବନୀକୁ ନେଇ ଜେଏଚବି ଏଣ୍ଟରଟେନମେଣ୍ଟ ବ୍ୟାନରରେ ନିର୍ମିତ ହୋଇଛି ନୂଆ ଓଡ଼ିଆ ସିନେମା 'ଜୟୀ ରାଜଗୁରୁ'। ଏହାର ପ୍ରଯୋଜନା ସହ ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ଜଲସେନ୍। ଲିଟନ ପଟ୍ଟନାୟକ ସହଯୋଗୀ ନିର୍ଦ୍ଦେଶକ ସାଜିଛନ୍ତି। ଏଥିରେ ସଂଯୋଜିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି କ୍ରିଷ୍ଣା। ଖାସ୍ କଥା ହେଲା, ଏହି ଐତିହାସିକ ଚିତ୍ରର ଟାଇଟଲ ଭୂମିକାରେ ଅଭିନୟ କରିଛନ୍ତି ବିଶ୍ୱରୂପ। ଉକ୍ତ ଚଳଚ୍ଚିତ୍ରର ବିଭିନ୍ନ ଭୂମିକାରେ ଅଶ୍ରୁମୋଚନ ମହାନ୍ତି, ମିତା ଚକ୍ରବର୍ତ୍ତୀ, ତାମିଲନାଡୁର ମୃତ୍ୟୁଲିଙ୍ଗନମ୍, ଆନ୍ଧ୍ରପ୍ରଦେଶର ଭବାନୀ, ମହାରାଷ୍ଟ୍ରର ଗୌରବ କୁମାରଙ୍କ ବ୍ୟତୀତ ଇନ୍ଦ୍ରଜିତ, ଦୀପକ, ସୁଶାନ୍ତ, ସମୀର, ଚିତ୍ତ, ବୁଲୁ, ଜିତୁ, ନିଲୁ, ଅଖିଳ, ଡ. ବିଦ୍ୟୁତପ୍ରଭା ରଥ, ସଦାମ ବିଷୋୟୀ ପ୍ରମୁଖ କଳାକାରଙ୍କୁ ଦେଖିବାକୁ ମିଳିବ।


'ଜୟୀ ରାଜଗୁରୁ' ଫିଲ୍ମରେ ବିଶ୍ୱରୂପ

# ଚାହିଁ ବସିଛନ୍ତି ଅନନ୍ୟା

ଶୁଭ ଦିନ ଯେତିକି ପାଖେଇ ଆସୁଛି ଚଙ୍କି ତନୟା ଅନନ୍ୟାଙ୍କ ଉତ୍କଣ୍ଠା ସେତିକି ବଢ଼ି ଚାଲିଛି। କଥା କ'ଣ କି ସେ ଅଭିନୟ କରିଥିବା 'ଲିଗର' ଚଳିତ ମାସ ୨୫ରେ ରିଲିଜ ହେବାକୁ ଯାଉଛି। ଏହି ଫିଲ୍ମର ସଫଳତା ପାଇଁ ସେ ନିକଟରେ ପୂଜାର୍ଚ୍ଚନା କରିଛନ୍ତି। ଏଥିରେ ତାଙ୍କର ନାୟକ ସାଜିଛନ୍ତି ତେଲୁଗୁ ଷ୍ଟାର ବିଜୟ ଦେବରକୋଣ୍ଡା। ଖାସ୍ କଥା ହେଲା, ରିଲିଜ ପୂର୍ବରୁ ଏହାର ଦୁଇଟି ଗୀତ 'ଅକଡି ପକଡି' ଏବଂ 'ଆଫତ୍' ହିଟ୍ ସାବ୍ୟସ୍ତ ହୋଇଛି। ଏ ସମ୍ପର୍କରେ ଅନନ୍ୟା କହନ୍ତି, 'ଏହି ଗୀତଦ୍ୱୟର ଯେତେବେଳେ ଶୁଟିଂ ହେଉଥିଲା ମୁଁ ଜାଣିଥିଲି ଯେ ଏହା ନିଶ୍ଚୟ ହିଟ୍ ହେବ। ତାହା ଆଜି ସତରେ ପରିଣତ ହୋଇଛି। ଆଉ ଦିନ କେଇଟା ପରେ ସିନେମାଟି ରିଲିଜ ହେବ। ତେଣୁ ସେହି ଦିନକୁ ମୁଁ ବେଶ୍ ଉତ୍ସୁକତାର ସହ ଚାହିଁ ବସିଛି।' ଏହି ଫିଲ୍ମଟି ହିନ୍ଦୀ, ତେଲୁଗୁ, ତାମିଲ, କନ୍ନଡ ଏବଂ ମାଲାୟାଲାମ ଭାଷାରେ ପ୍ରସ୍ତୁତ ହୋଇଛି। କରନ୍ ଜୋହର ଏହାର ପ୍ରଯୋଜନା କରିଥିବା ବେଳେ ଦକ୍ଷିଣ ଭାରତୀୟ ସିନେମାର ଆଗଧାଡିର ନିର୍ଦ୍ଦେଶକ ପୁରୀ ଜଗନ୍ନାଥ ନିର୍ଦ୍ଦେଶନା ଦେଇଛନ୍ତି।


'ଲିଗର' ଫିଲ୍ମରେ ବିଜୟ-ଅନନ୍ୟା'

# ମିଡିଲ କ୍ଲାସ ଲଭ୍

ନୂଆ ସିନେମା 'ମିଡିଲ କ୍ଲାସ ଲଭ'କୁ ନେଇ ଏବେ ବଲିଉଡ୍‌ରେ ଚର୍ଚ୍ଚା। ନିର୍ଦ୍ଦେଶକ ଅନୁଭବ ସିହ୍ନା ଏକ ଭିନ୍ନ ଧରଣର ପାରିବାରିକ କାହାଣୀକୁ ନେଇ ଏହାକୁ ନିର୍ମାଣ କରିଛନ୍ତି। ଏଥିରେ ଟିନ୍ ଏଜ ପ୍ରେମ କାହାଣୀର ଝଲକ ମଧ୍ୟ ଦେଖିବାକୁ ମିଳିବ। ସବୁଠାରୁ ବଡ କଥା ହେଲା ନବାଗତ ତିନି ଜଣ ଅଭିନେତାକୁ ସେ ଏହି ଫିଲ୍ମରେ ବ୍ରେକ୍ ଦେଉଛନ୍ତି। ସେମାନେ ହେଲେ ପ୍ରୀତ୍ କମାନି, ଇଶା ସିଂ ଏବଂ କାବ୍ୟା ଥାପ୍ପର। ଏମାନଙ୍କୁ ଫିଲ୍ମର ମୁଖ୍ୟ ଭୂମିକାରେ ଦେଖିବାକୁ ମିଳିବ। ଏ ସମ୍ପର୍କରେ ଅନୁଭବ କହନ୍ତି, 'ପ୍ରୀତ୍-ଇଶା-କାବ୍ୟାଙ୍କ ନବାଗତ ହେଲେ ମଧ୍ୟ ଆକ୍ଟିଂ ୱାର୍କଶପ୍‌ରେ ସେମାନଙ୍କ ଅଭିନୟ ମୋତେ ବେଶ୍ ପ୍ରଭାବିତ କରିଛି। ଯେଉଁ ଭରସା ନେଇ ସେମାନଙ୍କୁ ମୁଁ ବ୍ରେକ୍ ଦେଇଛି ତାହା ମୋ ମତରେ ସଫଳ ହୋଇଛି। କାରଣ ଫିଲ୍ମର ଶୁଟିଂ ସମୟରେ ସେମାନଙ୍କର ଅଭିନୟ ଦେଖି ମୁଁ ଚକିତ ହୋଇଯାଇଥିଲି। କୌଣସି ନବାଗତଙ୍କୁ ହେୟ ମନେ କରିବା ଠିକ୍ ନୁହେଁ। ନିଜ କ୍ୟାରିୟରକୁ ଆଗେଇ ନେବାକୁ ସେମାନଙ୍କଠାରେ ଦକ୍ଷତା ଭରି ରହିଛି।' 'ମିଡିଲ କ୍ଲାସ୍ ଲଭ୍' ଚଳିତ ବର୍ଷ ସେପ୍ଟେମ୍ବର ୧୬ରେ ମୁକ୍ତିଲାଭ କରିବ ବୋଲି ନିର୍ଦ୍ଦେଶକ ସୂଚନା ଦେଇଛନ୍ତି।



'ମିଡିଲ କ୍ଲାସ ଲଭ' ଫିଲ୍ମରେ ପ୍ରୀତ, ଇଶା, କାବ୍ୟା

# ବାର୍ଥ ଡେ' ଗିଫ୍ଟ


କିଆରା

କିଆରା ଆଡୱାନୀଙ୍କ ଖୁସି କହିଲେ ନସରେ। କାରଣ ଏଥର ତାଙ୍କର ବାର୍ଥ ଡେ'ରେ ତାଙ୍କୁ ଏକ ଏପରି ଏକ ଗିଫ୍ଟ ମିଳିଛି, ଯାହାକୁ ସେ ଭୁଲି ପାରିବେ ନାହିଁ ବୋଲି କହିବୁଲୁଛନ୍ତି। କଥା କ'ଣ କି କିଆରା ନିକଟରେ ତାଙ୍କର ଜନ୍ମଦିନ ପାଳନ କରିଥିଲେ। ଏହି ପାର୍ଟି ପାଇଁ ସେ ସୀମିତ ସଂଖ୍ୟକ ଅତିଥିଙ୍କୁ ନିମନ୍ତ୍ରଣ କରିଥିଲେ। ନିର୍ଦ୍ଦିଷ୍ଟ ଦିନ ସେଠାରେ ପହଞ୍ଚିଥିଲେ ତାଙ୍କର କୋ-ଷ୍ଟାର କାର୍ତ୍ତିକ ଆର୍ଯ୍ୟନ। ସାଙ୍ଗରେ ନେଇଥିବା ଗିଫ୍ଟ ପ୍ୟାକେଟ୍‌କୁ ସେ ତାଙ୍କ ହାତକୁ ବଢ଼ାଇ ତାହାକୁ ସାଙ୍ଗେ ସାଙ୍ଗେ ଖୋଲିବାକୁ କହିଥିଲେ। ତାହା ଭିତରେ କ'ଣ ଥିଲା ଜାଣନ୍ତି ? ଏକ ନୂଆ କାର୍‌ର ଚାବି ଏବଂ ଏକ ଲେଖା। ସେଥିରେ ଯାହା ଲେଖାହୋଇଥିଲା ତାହାକୁ ପଢ଼ି ଖୁସିରେ ଗଦଗଦ ହୋଇଯାଇଥିଲେ କିଆରା। ଏ ନେଇ ସେ କହନ୍ତି, 'ତାହା ଥିଲା ମୋ ନୂଆ ସିନେମାର ଟାଇଟଲ ସାର୍ଟିଫିକେଟ୍। ଏହି ଫିଲ୍ମର ଟାଇଟଲକୁ ନେଇ ବିବାଦ ଦେଖାଯିବା ପରେ ତାହାକୁ ପରିବର୍ତ୍ତନ କରାଯାଇଥିଲା। ପ୍ରଥମେ 'ସତ୍ୟନାରାୟଣ କି ପ୍ରେମକଥା' ଥିବା ଟାଇଟଲକୁ ବଦଳାଇ 'ସତ୍ୟପ୍ରେମ କି କଥା' ରଖାଯାଇଛି।' ଏହି ଫିଲ୍ମର ପ୍ରଥମ ଟିଜର ରିଲିଜ ହୋଇ ବେଶ୍ ଭାଇରାଲ ହୋଇଛି। କିଆରାଙ୍କ ବଲିଉଡ୍ କ୍ୟାରିୟର ଆରମ୍ଭ କରିଥିଲେ 'ଫୁଗଲି'ରୁ। ଏହାପରେ 'ଏମ.ଏସ.ଧୋନୀ-ଦ ଅନଟୋଲ୍ଡ ଷ୍ଟୋରି', 'କଲଙ୍କ', 'କବୀର ସିଂ', 'ଗୁଡ୍ ନ୍ୟୁଜ୍', 'ଇନ୍ଦୁ କି ଜୱାନୀ' ଆଦି ଫିଲ୍ମରେ ଅଭିନୟ କରିସାରିଛନ୍ତି। ଏବେ ତାଙ୍କ ହାତରେ ଥିବା ଫିଲ୍ମଗୁଡିକ ହେଉଛି- 'ଜୁଗ୍ ଜୁଗ୍ ଜିଓ', 'ଗୋବିନ୍ଦା ନାମ ମେରା' ଏବଂ ତେଲୁଗୁ ଫିଲ୍ମ 'ଆରସି-୧୫'ରେ ।

# ରକି-ରାନୀଙ୍କ ପ୍ରେମ କାହାଣୀ


ଆଲିୟା

ପ୍ରେମରେ ଉତଥାନ ପତନ ଲାଗି ରହିଥାଏ। ହେଲେ ସେପରି ପରିସ୍ଥିତିକୁ ସାମନା କରି ପ୍ରେମୀ ଯୁଗଳ ନିଜ ଲକ୍ଷ୍ୟ ପଥରେ ଅଗ୍ରସର ହୋଇଥାଆନ୍ତି। ସେଭଳି ଏକ ଭିନ୍ନ ଧରଣର ପ୍ରେମ କାହାଣୀକୁ ଆଧାର କରି ନିର୍ମିତ ହେଉଛି 'ରକି ଔର ରାନୀ କି ପ୍ରେମ କାହାନୀ'। ଧରମ ପ୍ରଡକ୍ସନସ ବ୍ୟାନରରେ ଚିତ୍ରଟିର ପ୍ରଯୋଜନା କରିବା ସହ ନିର୍ଦ୍ଦେଶନା ଦେଉଛନ୍ତି କରନ୍ ଜୋହର। ଏହାର କାହାଣୀ ରଚନା କରିଛନ୍ତି ଇଷିତା ମୋଇତ୍ରା, ଶଶାଙ୍କ ଖୈତାନ ଏବଂ ସୁମିତ ରାୟ। ଚିତ୍ରଟିର ନାୟକ ସାଜିଛନ୍ତି ରଣବୀର ସିଂ ଏବଂ ତାଙ୍କ ସହ ସ୍କ୍ରିନ୍ ସେୟାର କରୁଛନ୍ତି ଆଲିୟା ଭଟ୍ଟ। ଏମାନଙ୍କ ବ୍ୟତୀତ ଏହି ଫିଲ୍ମରେ ଧର୍ମେନ୍ଦ୍ର, ଜୟା ବଚ୍ଚନ ଏବଂ ସାବନା ଆଜମୀଙ୍କୁ ମଧ୍ୟ ଦେଖିବାକୁ ମିଳିବ। ମାନୁଷ ନନ୍ଦନ ସିନେମାଟୋଗ୍ରାଫି ଦାୟିତ୍ୱ ତୁଲାଇଛନ୍ତି। ସଂଯୋଜିତ ଗୀତଗୁଡିକୁ ସ୍ୱରରେ ସଜାଇଛନ୍ତି ଆଗଧାଡିର ସଙ୍ଗୀତ ନିର୍ଦ୍ଦେଶକ ପ୍ରୀତମ। ଫିଲ୍ମଟି କେବଳ ହିନ୍ଦୀ ଭାଷାରେ ନିର୍ମିତ ହେଉଛି ଏବଂ ଆସନ୍ତା ବର୍ଷ ଡିସେମ୍ବର ୧୮ରେ ରିଲିଜ ହେବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି।

## ସାଥୀ

# ସପନ ଅଧାକୁ କାହାଣୀ ଅଧା, ସପନେ ରହିଛି ମନର ରାଧା

**ପ୍ରଶ୍ନ**–ଜଣେ ସୁନ୍ଦରୀ ମୋ ସପନରେ ଆସୁଛି। ହେଲେ ଜଣେ ଝିଅକୁ ମୁଁ ବାସ୍ତବରେ କେମିତି ପାଇବି ଜାଣିପାରୁନାହିଁ। ମୋତେ କିଛି ଉପାୟ ବତାଇବେ କି ?

*–ତନ୍ମୟ ରାଉତ, ବାଲେଶ୍ୱର*

**ଉତ୍ତର:** ଆପଣ ବୋଧହୁଏ ସପନ ରାଇଜରେ ଏବେ ବି ଘୁରି ବୁଲୁଛନ୍ତି। ସ୍ୱପ୍ନ ଆଉ ବାସ୍ତବତା ଦୁଇଟି ଅଲଗା ଜିନିଷ। ରଙ୍ଗୀନ ସ୍ୱପ୍ନରେ ନାୟିକାଟିଏ ଉଭାହେଲେ ମନରେ ଅନେକ କାହାଣୀ ଉଙ୍କି ମାରେ। ହେଲେ ଆପଣଙ୍କୁ ସବୁ କିଛି ଅଧା ଅଧା ଲାଗୁଛି। 'ସପନ ଅଧାକୁ କାହାଣୀ ଅଧା, ସପନେ ରହିଛି ମନର ରାଧା।' ଯଦି ବାସ୍ତବରେ ସେପରି ସ୍ୱପ୍ନ ସୁନ୍ଦରୀ ଦେଖୁଛନ୍ତି ଆଉ ପାଣିପାଗ ଠିକ୍ ରହିଛି ତେବେ ପ୍ରପୋଜ କରିବାକୁ ଚେଷ୍ଟା କରନ୍ତୁ। ଯଦି ବହି ଫିଟ୍ ହୋଇଗଲା ତେବେ ତା'ପରେ ଖାଲି ସୋନେପେ ସୁହାଗା।

**ପ୍ରଶ୍ନ**–ଯାହାକୁ ମୁଁ ମନ ପ୍ରାଣ ଦେଇ ଭଲ ପାଉଛି ସେ ବେଳେବେଳେ ମୋ ସହ ନଖରାମୀ କରୁଛି। ତାକୁ କେମିତି ମନାଇବି କହିବେ କି ସାଥୀ ?

*–ବିକାଶ, ରାଉରକେଲା*

**ଉତ୍ତର:** ପ୍ରେମ ଆଉ ନଖରାମି–ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ଭାବରେ ନେଇପାରନ୍ତି। କାରଣ ଅନେକ ସମୟରେ ନଖରାମିରେ ହିଁ ପ୍ରେମର ଅସଲ ମଜା ଲୁଚି ରହିଥାଏ। କେତେକ ତାହାକୁ ଗମ୍ଭୀରତାର ସହ ଗ୍ରହଣ କରୁଥିବା ବେଳେ କେତେକ ଏହାକୁ ହାଲକା ଭାବରେ ନେଇଥାଆନ୍ତି। ଯେଉଁ ସୁନ୍ଦରୀ ଆପଣଙ୍କ ସହ ନଖରାମି କରୁଛି ତାହାର କାରଣ ଖୋଜି ସମୟର ଅଯଥା ଅପଚୟ କରନ୍ତୁ ନାହିଁ। ସେହି ନଖରାମିରୁ ଆପଣଙ୍କ ପ୍ରେମ ମିଶନ ଆରମ୍ଭ କରିଦିଅନ୍ତୁ ନା ! ଉଭୟ ନଖରାମି ଏବଂ ପ୍ରେମର ମିଶ୍ରିତ ମଜା ରସଗୋଲା ପରି ମିଠା। ବାସ୍, ତାହାର ମଜା ନେବା ସହ ଆଗକୁ ପାଦ ବଢ଼ାନ୍ତୁ।

**ପ୍ରଶ୍ନ**–ଯାହାକୁ ପ୍ରେମ କରୁଥିଲି ତାକୁ ମୋ ସାଙ୍ଗ ବାହା ହୋଇଗଲା। ଏବେ ପୁଣି ଥରେ ମୁଁ ସେହି ପୂର୍ବ ପ୍ରେମିକା ପ୍ରେମରେ ପଡିଯାଇଛି। ତାକୁ ପ୍ରେମିକା ଭାବରେ ଗ୍ରହଣ କରିବା ଠିକ୍ ହେବ କି ?

*–ନିତିଶ କୁମାର, ପୁରୀ*

**ଉତ୍ତର:** ଯାହାକୁ ମନ ପ୍ରାଣ ଦେଇ ଭଲ ପାଉଥିଲେ ସେ ତ ନିଜର ହେଲା ନାହିଁ। ଏବେ ପୁଣି ଥରେ ଆପଣ ତା' ପ୍ରେମରେ ପଡିଛନ୍ତି। ଯଦି ଏହି ପ୍ରେମ ଆଗକୁ ଆଗାଏ, ତେବେ ତାହାର ପରିଣାମ କ'ଣ ହେବ କେବେ ଚିନ୍ତା କରିଛନ୍ତି ? ଯଦି ଆପଣଙ୍କ ସାଙ୍ଗ ଅର୍ଥାତ୍, ପ୍ରେମିକାଙ୍କ ପତିଦେବ ଏକଥା ଜାଣିପାରନ୍ତି ତା'ହେଲେ ପରବର୍ତ୍ତୀ ସମୟରେ ଏହା ଏପରି ବିସ୍ଫୋରଣର ରୂପ ନେବ ଯାହାକୁ ସାମନା କରିବା ଆଦୌ ସହଜ ହେବ ନାହିଁ। ତେଣୁ ପୁଣି ଥରେ ସେ ଶୁପ୍ତ ଘା'କୁ ଉଖୁରେଇବାକୁ ଚେଷ୍ଟା ନ କରିବା ଭଲ।

**ପ୍ରଶ୍ନ**–ଥରେ ଜଣେ ସୁନ୍ଦରୀ ସହ ଭେଟ ହେଲା। ହେଲେ ଏବେ ଆଉ ସେହି ସୁନ୍ଦରୀ ସହ ଭେଟ ହେଉନି। ମୁଁ କ'ଣ କରିବି ?

*–ପ୍ରମୋଦ ରାଉତ, ସୁନାବେଡା*

**ଉତ୍ତର:** ଯେତେବେଳେ ସେହି ସୁନ୍ଦରୀ ସହ ଭେଟ ହେଲା, କଥାବର୍ତ୍ତା ଭିତରେ ତାହାର ଠିକଣା ପଚାରି ବୁଝିନେଇଥିଲେ ଭଲ ହୋଇଥାଆନ୍ତା। ଏବେ ତାକୁ ଖୋଜିବା ଯାହା ଅନ୍ଧାରରେ ବାଡି ବୁଲାଇବା ସେଇଆ। ଯଦି ଆପଣଙ୍କ ପ୍ରେମ ଉପରେ ଭରସା ଅଛି ତେବେ ଅପେକ୍ଷା କରନ୍ତୁ। ହୁଏତ ସେହି ଲୁଚକାଳି ଖେଳର ହଠାତ୍ ପରିସମାପ୍ତି ଘଟିପାରେ। ନିଜ ପ୍ରେମିକା ଉପରେ ବିଶ୍ୱାସ ରଖନ୍ତୁ। ହୁଏତ ସେ ଆପଣଙ୍କୁ ଖୋଜି ଖୋଜି ଆପଣଙ୍କ ନିକଟରେ ପହଞ୍ଚି ଯାଇପାରେ !



**ପ୍ରଥମ ରୋଜଗାର**

# ଟ୍ୟୁଶନରୁ ୨୦ ଟଙ୍କା ରୋଜଗାର ହୋଇଥିଲା

**କୃଷି ବିଶେଷଜ୍ଞ ଓ ଲେଖକ ଚୌଧୁରୀ ବିଚିତ୍ରାନନ୍ଦ ପ୍ରହରାଜ ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...**

କଟକ ଜିଲା ମାହାଙ୍ଗା ବ୍ଲକ ଅନ୍ତର୍ଗତ ଝାଡେଶ୍ୱରପୁର ଗ୍ରାମରେ ମୋର ଜନ୍ମ। ଗାଁ ହାଇସ୍କୁଲ୍‌ରୁ ୧୯୭୧ରେ ମାଟ୍ରିକ୍ ପାସ୍ କରିବା ପରେ କେନ୍ଦ୍ରାପଡ଼ା କଲେଜରେ ବିଜ୍ଞାନରେ ପ୍ରି–ୟୁନିର୍ଭସିଟି ପଢିଥିଲି। ତା'ପରେ ଭୁବନେଶ୍ୱରସ୍ଥିତ କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଅନ୍ତର୍ଗତ କୃଷି ମହାବିଦ୍ୟାଳୟରେ ସ୍ନାତକ ପଢିଲି। ତେବେ ସ୍ନାତକର ପ୍ରଥମ ବର୍ଷ ପଢୁଥିବାବେଳେ ଗୋଟେ ଛୋଟ ପିଲାକୁ ଟ୍ୟୁଶନ କରିବା ଆରମ୍ଭ କରିଥିଲି ; ଯେଉଁଥିରୁ ମୋତେ ୨୦ ଟଙ୍କା ପାରିଶ୍ରମିକ ମିଳୁଥିଲା। ଏହି ୨୦ ଟଙ୍କା ହିଁ ଥିଲା ମୋ ଜୀବନର ପ୍ରଥମ ରୋଜଗାର ; ଯାହାକି ଜଳଖିଆ ଖାଇବାରେ ଖର୍ଚ୍ଚ ହୋଇଯାଉଥିଲା। ସେହିପରି କୃଷି ସ୍ନାତକର ଶେଷବର୍ଷ ବେଳକୁ ଆଉଥରେ ରୋଜଗାରର ସୁଯୋଗ ପାଇଥିଲି। ସେତେବେଳେ କଲେଜର ଜଣେ ସାର୍ କ୍ଷୁଦ୍ର ନାମମାତ୍ର ଚାଷୀଙ୍କ ପାଇଁ କେତୋଟି ବ୍ଲକରେ ସର୍ଭେ କରୁଥିଲେ। ମୁଁ ବି ସେଥିରେ ସାମିଲ ହେଲି ; ଆଉ ପାରିଶ୍ରମିକ ବାବଦରେ ୫୦୦ ଟଙ୍କା ମୋତେ ମିଳିଲା। ସେହି ଟଙ୍କା ବି ଖାଇବା, ପିଇବା ଓ ଚଳିବାରେ ଖର୍ଚ୍ଚ ହୋଇଯାଉଥିଲା। ୧୯୭୬ ମସିହାରେ ମୋ ପାଠପଢା ସରିଲା। ଆଉ ତା'ପରେ ଓଡ଼ିଶା ସରକାରଙ୍କ କୃଷି ବିଭାଗରେ କୃଷି ଓଭରସିୟର ଭାବେ ମୋତେ ଚାକିରି ମିଳିଲା। ପୋଷ୍ଟିଂ କୋରାପୁଟରେ ହୋଇଥିଲା। ଦରମା ମାସକୁ ୫୦୦ ଟଙ୍କା। କହିବାକୁ ଗଲେ ବିଧିବଦ୍ଧ ଭାବେ ଏହା ହିଁ ଥିଲା ମୋର ପ୍ରଥମ ସ୍ଥାୟୀ ରୋଜଗାର ; ଯେଉଁଥିରୁ ୨୦୦ ଟଙ୍କା ବାପାଙ୍କ ପାଖକୁ ପଠାଇଥିଲି। ବାକି ଟଙ୍କାରେ ନିଜ ଚଳିବା ପାଇଁ ଗୋଟେ ବେଡ୍‌ସିଟ ଆଉ କିଛି ଷ୍ଟିଲ୍ ବାସନ କିଣିଥିଲି। ତା'ପରେ ବି ଆଉ କିଛି ଟଙ୍କା ବଳିଥିଲା, ଯେଉଁଥିରେ ମାସକଯାକ ମୁଁ ଚଳିଥିଲି। ତେବେ ଉକ୍ତ ପଦବୀରେ ମୁଁ ୧୯୮୬ ମସିହା ଯାଏଁ କାମ କଲି। ତା'ପରେ ୧୯୮୭ରେ ଭାରତୀୟ ସାଧାରଣ ବୀମା ନିଗମରେ ପ୍ରଶାସନିକ ଅଧିକାରୀ ଭାବେ ଯୋଗ ଦେଇ ୨୦୧୫ରେ ଚିଫ୍ ରିଜିଓନାଲ୍ ମ୍ୟାନେଜର ଭାବେ ଚାକିରୀରୁ ଅବସର ନେଇଥିଲି। ଏବେ ପରିଣତ ବୟସରେ ଉପନୀତ। କିନ୍ତୁ ଲେଖାଲେଖିରେ ସକ୍ରିୟ ରହିଛି। ଏଥିସହିତ 'ଡାକ୍ତରଖାନା', 'ମ୍ୟାରେଜ୍ ବ୍ୟୁରୋ', 'ଅନ୍ୟ ଏକ ନିର୍ଭୟା', 'ଡେରୀ ନ ହୋଇଯାଉ', ' ଉପାୟ ଅଛି' ଟାଇଟଲ୍ ବିଶିଷ୍ଟ ୫ଟି ନାଟକ ରଚନା କରିସାରିଲିଣି। ଏହି ନାଟକଗୁଡ଼ିକ ଭୁବନେଶ୍ୱରର ବିଭିନ୍ନ ମଞ୍ଚରେ କଳାକାରଙ୍କ ଦ୍ୱାରା ପରିବେଷିତ ହୋଇସାରିଲାଣି। କିନ୍ତୁ ଅବଶୋଷ ଏହାକୁ ପୁସ୍ତକ ଆକାରରେ ଏଯାଏଁ ପ୍ରକାଶିତ କରିପାରିନି। ନାଟକ ବ୍ୟତୀତ ମୋର ଅନେକ ପ୍ରବନ୍ଧ ଓ କବିତା ବିଭିନ୍ନ ପତ୍ରିକା ଓ ଖବରକାଗଜରେ ପ୍ରକାଶିତ ହୋଇଛି। ବିଶେଷକରି କୃଷି ଭିତ୍ତିକ ବହୁ ପ୍ରବନ୍ଧ 'ଧରିତ୍ରୀ' ଖବରକାଗଜରେ ପ୍ରକାଶ ପାଇ ମୋତେ ଅନେକ ପାଠକୀୟ ପ୍ରଶଂସା ମିଳିଛି। ତେବେ ଜୀବନରେ ବହୁ ଯଶଖ୍ୟାତି ଆଉ ଧନ ଉପାର୍ଜନ କରିଥିଲେ ହେଁ ପ୍ରଥମ ରୋଜଗାରର ସ୍ମୃତି ମୋ ପାଇଁ ଚିରସ୍ମରଣୀୟ ହୋଇ ରହିଛି ଆଉ ରହିଥିବ।





# ଜରିଗୋଟାଳିରୁ ଅନ୍ତର୍ଜାତୀୟ ଫଟୋଗ୍ରାଫର


**ପଶ୍ଚିମବଙ୍ଗ ପୁରୁଲିୟାର ବିକି ରାୟ। ଦିନେ ସେ ଦିଲ୍ଲୀ ସଡକରେ ଜରି ଗୋଟାଇବା କାମ କରୁଥିଲେ। ହେଲେ ଆଜି ସେ ଜଣେ ଅନ୍ତର୍ଜାତୀୟ ଫଟୋଗ୍ରାଫରଭାବେ ପରିଚିତ। ତାଙ୍କର ଏହି ଯାତ୍ରା ସତରେ ବହୁତ ପ୍ରେରଣାଦାୟକ...**

ପଶ୍ଚିମବଙ୍ଗ ପୁରୁଲିୟାର ବିକି ରାୟ। ଦିନେ ସେ ଦିଲ୍ଲୀ ସଡକରେ ଜରି ଗୋଟାଇବା କାମ କରୁଥିଲେ। ହେଲେ ଆଜି ଜଣେ ଅନ୍ତର୍ଜାତୀୟ ଫଟୋଗ୍ରାଫରଭାବେ ପରିଚିତ। ତାଙ୍କର ଏହି ଯାତ୍ରା ସତରେ ବହୁତ ପ୍ରେରଣାଦାୟକ। ବିକିଙ୍କ ବାପା ଜଣେ ଟେଲର୍ ଥିଲେ। ଆଉ ତାଙ୍କର ଭାଇ ଭଉଣୀ ଥିଲେ ୭ଜଣ। ତେଣୁ ଘର ବହୁତ କଷ୍ଟରେ ଚଳୁଥିଲା। ତେବେ ବିକିଙ୍କ ସ୍ୱପ୍ନ ଥିଲା ବହୁତ ବଡ। କିଶୋରବସ୍ଥାରେ ଘର ଛାଡି ଦିଲ୍ଲୀ ଚାଲିଗଲେ। ହେଲେ ସେଠାରେ ଦୁଇଓଳି ଖାଇବା ଯୋଗାଡ କରିବା ତାଙ୍କ ପାଇଁ କଷ୍ଟକର ହୋଇଗଲା। ତେଣୁ ସେ ଦିଲ୍ଲୀ ରେଳଷ୍ଟେସନରେ ଜରି ଗୋଟାଇବା କାମ ଆରମ୍ଭ କଲେ। ପରେ ଏକ ଢାବାରେ ବାସନ ମାଜିବା ସହ ବିଭିନ୍ନ ଛୋଟ ମୋଟ କାମ କରିବାକୁ ଲାଗିଲେ। ଏମିତି ଥରେ ତାଙ୍କ ଭାଗ୍ୟ ବଦଳିଗଲା ଯେବେ ଏକ ଏନ୍‌ଜିଓ ତାଙ୍କ ପଢିବା ଦାୟିତ୍ୱ ନେଲା। ଆଉ ସେଇ ଏନ୍‌ଜିଓ ସାହାଯ୍ୟରେ ତାଙ୍କ ସ୍କୁଲ ପଢା ସରିଲା। ୟା' ଭିତରେ ବିକି ତାଙ୍କ ପ୍ୟାଶନ ଫଟୋଗ୍ରାଫୀ କରିବା ବି ଆରମ୍ଭ କରିଥିଲେ। ୧୮ ବର୍ଷ ବୟସରେ ସେ ଏନ୍‌ଜିଓ ଛାଡିଦେଲେ। ସୌଭାଗ୍ୟବଶତଃ ତାଙ୍କୁ ଆସିଷ୍ଟାଣ୍ଟ ଫଟୋଗ୍ରାଫର ବି ଚାକିରି ମିଳିଲା। ୨୦୦୧ରେ ସେ ଫଟୋଗ୍ରାଫୀ କରିବା ଆରମ୍ଭ କରିଥିଲେ। ୨୦୦୭ରେ ପ୍ରଥମକରି ପ୍ରଦର୍ଶନୀରେ ଭାଗ ନେଲେ। ଏଥିରେ ତାଙ୍କ କାମକୁ ବହୁତ ପ୍ରଶଂସା କରାଯାଇଥିଲା। ୨୦୦୮ରେ ସେ ଏକ ଅନ୍ତର୍ଜାତୀୟ ଫଟୋଗ୍ରାଫୀ ପ୍ରତିଯୋଗିତା ଜିତିଥିଲେ। ଫଳରେ ତାଙ୍କୁ ୬ ମାସ ପାଇଁ ଆମେରିକା ଯିବାର ସୁଯୋଗ ମିଳିଲା। ତା'ସହ ତାଙ୍କୁ ଇଣ୍ଟରନ୍ୟାଶନାଲ ସେଣ୍ଟର ଅଫ୍ ଫଟୋଗ୍ରାଫୀରେ ବି ପ୍ରଶିକ୍ଷଣ ମିଳିଲା, ଯାହାକୁ କି ଫଟୋଗ୍ରାଫୀରେ ପୃଥିବୀର ସବୁଠୁ ଭଲ ସ୍କୁଲଭାବେ ଗ୍ରହଣ କରାଯାଏ। ମାର୍ଚ୍ଚ ୨୦୦୯ରେ ସେ ନ୍ୟୁୟର୍କ ଗଲେ। ସେଠାରେ ତାଲିମ ନେବାବେଳେ ତାଙ୍କୁ ୱାର୍ଲଡ ଟ୍ରେଡ ସେଣ୍ଟରର ପୁନଃ ନିର୍ମାଣ ବେଳର ଫଟୋ ଉଠାଇବା ଲାଗି ଚୟନ କରାଯାଇଥିଲା। ୨୦୧୦ରେ ତାଙ୍କର ଏହି ଫଟୋଗୁଡିକୁ ଏକକ ପ୍ରଦର୍ଶନୀରେ ପ୍ରଦର୍ଶିତ କରାଗଲା। ଆମେରିକାରେ କାମ କରିବାବେଳେ ତାଙ୍କ ଭିତରେ ଆତ୍ମବିଶ୍ୱାସ ଭରିଯାଇଥିଲା।





ଯାହା ତାଙ୍କୁ ଆଗକୁ ବଢିବାରେ ସାହାଯ୍ୟ କଲା। ଏବେ ବିକି ସାରା ଦୁନିଆର ବିଭିନ୍ନ ପ୍ରଦର୍ଶନୀରେ ବାସ୍ତବ ଜୀବନର ବିଭିନ୍ନ ଛବିକୁ ଫଟୋ ମାଧ୍ୟମରେ ପ୍ରଦର୍ଶିତ କରୁଛନ୍ତି। ୨୦୧୧ରେ ସେ ନିଜ ବନ୍ଧୁ ଚନ୍ଦନ ଗୋମ୍ସଙ୍କ ସହ ମିଶି 'ରଙ୍ଗ୍' ନାମକ ଚ୍ୟାରିଟି ଆରମ୍ଭ କରିଥିଲେ। ତା'ସହ ଏକ ଓପନ ଫୋଟୋ ଲାଇବ୍ରେରୀ ମଧ୍ୟ ଆରମ୍ଭ କଲେ। ସାଧାରଣତଃ ଫଟୋଗ୍ରାଫୀର ବହିଗୁଡିକ ବହୁତ ଦାମୀ ହୋଇଥାଏ। ତେଣୁ ସବୁ ଯୁବ ଓ ପ୍ରତିଭାବାନ ଫଟୋଗ୍ରାଫର ଏସବୁକୁ ପଢିବାର ସୁଯୋଗ ପାଇପାରି ନ ଥାନ୍ତି। ସେଥିପାଇଁ ସେ ତାଙ୍କ ବନ୍ଧୁଙ୍କ ସହ ମିଶି ପୃଥିବୀର ବଡ ବଡ ଫଟୋଗ୍ରାଫରଙ୍କୁ ସେମାନଙ୍କ ପୁସ୍ତକ ଦାନ କରିବା କରିବା ଲାଗି ଚିଠି ଲେଖିଥିଲେ। ଏହି ନାମୀଦାମୀ ଫଟୋଗ୍ରାଫରମାନେ ତାଙ୍କ ଚିଠିର ଉତ୍ତର ଦେବା ସହ ନିଜର ପୁସ୍ତକ ବି ଦାନ କରିଥିଲେ। ଏବେ ବିକିଙ୍କର ଏହି ଲାଇବ୍ରେରୀରେ ଫଟୋଗ୍ରାଫୀ ସହ ଜଡିତ ଅନେକ ପୁସ୍ତକ ରହିଛି। ଆଉ ସେସବୁକୁ ମାଗଣା ପଢିବାର ସୁଯୋଗ ବି ସେ ପ୍ରଦାନ କରୁଛନ୍ତି। ବିକି ଯୁବ ଫଟୋଗ୍ରାଫରଙ୍କ ମେଣ୍ଟରଭାବେ ବି କାମ କରୁଛନ୍ତି। ବିକିଙ୍କୁ ଫୋର୍ବସ ପତ୍ରିକାରେ ପ୍ରତିଷ୍ଠିତ ଅଣ୍ଡର ୩୦ ଫଟୋଗ୍ରାଫର ସୂଚିରେ ବି ସାମିଲ କରାଯାଇଥିଲା।





## କ୍ୟାମେରା କିଛି କଥା

➔ ଜାଣନ୍ତିକି ୧୯୬୯ ମସିହା ଆପୋଲୋ ୧୧ ମିଶନରେ ୧୨ଟି ହାସେଲବ୍ଲାଡ କ୍ୟାମେରା ଚନ୍ଦ୍ରପୃଷ୍ଠର ଫଟୋ ଉଠାଇବା ପାଇଁ ନିଆଯାଇଥିଲା। ତେବେ ମିଶନ୍‌ରୁ ଫେରିବାବେଳେ ଚନ୍ଦ୍ରପୃଷ୍ଠରୁ ୨୫ କି.ଗ୍ରାର ପଥର ପରୀକ୍ଷଣ ପାଇଁ ଆଣିବାକୁ ପଡିଲା। ତେଣୁ ବାଧ୍ୟ ହୋଇ ଓଜନ କମାଇବା ପାଇଁ କ୍ୟାମେରାଗୁଡିକୁ ସେହି ଚନ୍ଦ୍ରପୃଷ୍ଠରେ ହିଁ ଛାଡିବାକୁ ପଡିଥିଲା।

➔ପୃଥିବୀର ପ୍ରଥମ ଡିଜିଟାଲ କ୍ୟାମେରା ୧୯୭୫ ମସିହାରେ କୋଡାକ କମ୍ପାନୀ ତିଆରି କରିଥିଲା, ଯାହାର ଓଜନ ୩.୬ କି.ଗ୍ରା. ଥିଲା। ଏଥିରେ ୦.୦୧ ମେଗାପିକ୍ସଲର ଲେନ୍ସ ସହିତ କେବଳ କଳାଧଳା ଫଟୋ ଉଠାଯାଇପାରୁଥିଲା। ଗୋଟିଏ ଫଟୋ ଉଠାଇବା ପାଇଁ ୨୩ ସେକେଣ୍ଡ ସମୟ ଲାଗୁଥିଲା।

➔ପୃଥିବୀର ପ୍ରଥମ ଡିଏସ୍‌ଏଲ୍‌ଆର୍ କ୍ୟାମେରା ୧୯୯୧ରେ କୋଡାକ ଓ କ୍ୟାନୋନ ମିଶି ତିଆରି କରିଥିଲେ। ଏଥିରେ କୋଡାକ୍ ଦ୍ୱାରା ତିଆରି ୧.୩ ମେଗାପିକ୍ସଲ ଲେନ୍ସ ଲଗାଯାଇଥିଲା ଓ କ୍ୟାନୋନ ଦ୍ୱାରା ତିଆରି ଏଫ୍-୧ କ୍ୟାମେରାର ବଡି ବ୍ୟବହାର କରାଯାଇଥିଲା।

➔ପୃଥିବୀର ସବୁଠୁ ବଡ଼ କ୍ୟାମେରା ୧୯୦୦ରେ ତିଆରି କରାଯାଇଥିଲା। ଯାହାର ନାମ 'ମାମଥ୍' ରଖାଯାଇଥିଲା। ଏହାର ଓଜନ ୬୩୫ କି.ଗ୍ରା. ଥିଲା। ଏହାକୁ ଚଳାଇବା ଲାଗି ୧୫ ଜଣ ଲୋକ ଆବଶ୍ୟକ ହେଉଥିଲେ।

➔ଜାପାନରେ ମୋବାଇଲ ଫୋନ୍‌ରେ ଫଟୋ ଉଠାଇବାବେଳେ ହେଉଥିବା ଶବ୍ଦକୁ ମ୍ୟୁଟ୍ କରିବା ମନା। କିଛି ଫୋନ୍‌ରେ ତ ମ୍ୟୁଟ୍ ଅପ୍ସନ ହିଁ ନ ଥାଏ। ଏଭଳି ନିୟମ ପଛର କାରଣ ହେଉଛି ଜାପାନରେ ଝିଅମାନେ ବହୁତ ଛୋଟ ଡ୍ରେସ ପିନ୍ଧନ୍ତି। ଆଉ ଯଦି କେହି ସେମାନଙ୍କର ଫଟୋ ଲୁଚିକି ଉଠାଇବାକୁ ଚେଷ୍ଟା କରନ୍ତି, ତେବେ ସେହି ଶବ୍ଦରୁ ଜଣାପଡିଯିବ।

➔ସେକ୍ୟୁରିଟି କ୍ୟାମେରା ବହୁତ ପୁରୁଣା। ୧୯୪୨, ଜର୍ମାନୀରେ ପ୍ରଥମେ ସିସିଟିଭି କ୍ୟାମେରାର ପ୍ରୟୋଗ କରାଯାଇଥିଲା। ତେବେ ସେତେବେଳେ ଏହାକୁ ରକେଟ ଲଞ୍ଚିଂ ଦେଖିବାକୁ ବ୍ୟବହାର କରାଯାଇଥିଲା।

## ସୂଚନା

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।



ସୂର୍ଯ୍ୟମୟୀ

ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫ ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ ଫୋନ ନଂ: (୦୬୭୪) ୨୫୮୦୧୦୧

## ହାଃ ହାଃ

### ଭୁଲ୍ ବୁଝିଛ

ସ୍ତ୍ରୀ ସ୍ୱାମୀଙ୍କୁ: ତମେ କାଲି ରାତିରେ ଶୋଇଥିବାବେଳେ ମତେ କେତେ ଗାଳି ଦେଉଥିଲ।
ସ୍ୱାମୀ: ନାଇଁ ମ, ତମେ କିଛି ଭୁଲ୍ ବୁଝିନେଇଛ।
ସ୍ତ୍ରୀ: ମୁଁ ତ ନିଜ କାନରେ ଶୁଣିଛି ତମେ ମତେ ଗାଳି ଦେଉଥିଲ।
ସ୍ୱାମୀ: ହଁ, ଗାଳି ଦେଉଥିଲି। ହେଲେ ମୁଁ ନିଦରେ ଶୋଇ ନ ଥିଲି।

### ଟନ୍

ଗଣିତ ଶିକ୍ଷକ ଚିଣ୍ଟୁଙ୍କୁ: ୧୦୦୦ କି.ଗ୍ରା.= ୧ ଟନ୍। ତେବେ ୩୦୦୦ କି.ଗ୍ରା. = କେତେ ହେବ ?
ଚିଣ୍ଟୁ: କହୁଛି ସାର୍। ୩୦୦୦ କି.ଗ୍ରା.= ଟନ୍, ଟନ୍, ଟନ୍।

### ଭାରି

ପପୁ ଟିଂକିଙ୍କୁ: ଏ ଟ୍ରେନ୍ ଏତେ ସମୟ ଧରି ଚାଲୁନି କ'ଣ ପାଇଁ ?
ଟିଂକି: ଭାରି ବର୍ଷା ପାଇଁ।
ପପୁ: ଆଚ୍ଛା, ବର୍ଷା ଯଦି ଏତେ ଭାରି ତା'ହେଲେ ତାକୁ ବାହାର କରିଦେଉନ କ'ଣ ପାଇଁ ?

# ଦେଶପ୍ରୀତିରେ ଭ୍ରମଣ




**ସ୍ୱାଧୀନତା ଦିବସ ଅବସରରେ ଭାରତର ବିଭିନ୍ନ ସ୍ଥାନରେ ଦେଶପ୍ରୀତି ସମ୍ପର୍କିତ ଅନେକ ସାଂସ୍କୃତିକ କାର୍ଯ୍ୟକ୍ରମର ଝଲକ ଦେଖିବାକୁ ମିଳିଥାଏ। ତେଣୁ ଏହି ବିଶେଷ ଦିବସରେ କେଉଁ କେଉଁ ସ୍ଥାନକୁ ବୁଲିଗଲେ ମନରେ ଦେଶପ୍ରେମ ଜାଗ୍ରତ ହେବା ସହ ଅନେକ ଐତିହାସିକ ତଥ୍ୟ ସମ୍ପର୍କରେ ଜାଣିହେବ, ଆସନ୍ତୁ ଜାଣିବା ସେ ସମ୍ପର୍କରେ...**

* **ଚନ୍ଦ୍ରଶେଖର ଆଜାଦ୍ ପାର୍କ:** ଏହା ଆଲ୍‌ଫ୍ରେଡ୍ ପାର୍କ ନାମରେ ବି ପରିଚିତ। ଏହି ପାର୍କଟି ଆଲ୍ଲାହାବାଦରେ ପ୍ରିନ୍ସ ଆଲ୍‌ଫ୍ରେଡ୍‌ଙ୍କ ନାଁରେ ପ୍ରଥମେ ଗଢ଼ି ଉଠିଥିଲା। କିନ୍ତୁ କ୍ରାନ୍ତିକାରୀ ଚନ୍ଦ୍ରଶେଖର ଆଜାଦ୍ ଏହି ପାର୍କରେ ଦେହତ୍ୟାଗ କରିବା ପରେ ଏହା ଲୋକମୁଖରେ ଚନ୍ଦ୍ରଶେଖର ଆଜାଦ୍ ପାର୍କ ଭାବେ ପରିଚିତ ହେବାକୁ ଲାଗିଲା। ସେଥିପାଇଁ ସାଧାରଣତନ୍ତ୍ର ଦିବସ, ସ୍ୱାଧୀନତା ଦିବସ, ଶହୀଦ ଦିବସ ପରି ବିଶେଷ ଦିନମାନଙ୍କରେ ଏଠାରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥାଏ, ଯାହା ଦର୍ଶକଙ୍କୁ ବେଶ୍ ଆକୃଷ୍ଟ କରିଥାଏ।



* **ଅଗଷ୍ଟକ୍ରାନ୍ତି ମୈଦାନ:** ୧୯୪୨ ମସିହା ଅଗଷ୍ଟ ୮ ତାରିଖରେ ଜାତିର ପିତା ମହାତ୍ମା ଗାନ୍ଧୀ ମୁମ୍ବାଇସ୍ଥିତ ଏକ ମୈଦାନ ବା ପଡ଼ିଆରେ ସାର୍ବଜନିନ ସମ୍ମିଳନୀରେ ଭାରତଛାଡ଼ ଆନ୍ଦୋଳନର ନାରାବାଜି ଦେଇଥିଲେ। ଯେଉଁ ପଡ଼ିଆରୁ ଗାନ୍ଧିଜୀ ଏହି ଅଭିଯାନର ମୂଳଦୁଆ ପକାଇଥିଲେ, ତାହା ବର୍ତ୍ତମାନ ଅଗଷ୍ଟକ୍ରାନ୍ତି ମୈଦାନ ନାଁରେ ଜଣାଶୁଣା। ପୂର୍ବରୁ ଏହା ଗୋଓ୍ୱାଲିୟା ଟ୍ୟାଙ୍କ ମୈଦାନ ଭାବେ ଜଣାଯାଉଥିଲା। ତେବେ ସେ ଯାହା ବି ହେଉ, ବିଭିନ୍ନ ସ୍ମରଣୀୟ ଦିବସରେ ପର୍ଯ୍ୟଟକ ଏଠାକୁ ଯାଇ ବିଶେଷ କାର୍ଯ୍ୟକ୍ରମଗୁଡ଼ିକୁ ଉପଭୋଗ କରିବାର ସୁଯୋଗ ନେଇପାରିବେ।
* **ଇଣ୍ଡିଆ ଗେଟ୍:** ନୂଆଦିଲ୍ଲୀସ୍ଥିତ ଇଣ୍ଡିଆ ଗେଟ୍ ବି ହେଉଛି ଏକ ରାଷ୍ଟ୍ରୀୟ ସ୍ମାରକ। ସ୍ୱାଧୀନତା ଦିବସ ଅବସରରେ ପର୍ଯ୍ୟଟକ ଚାହିଁଲେ ଇଣ୍ଡିଆ ଗେଟ୍ ଆଡ଼େ ବୁଲି ଯାଇ ମନରେ ଦେଶପ୍ରୀତି ଜାଗ୍ରତ କରିବା ସହ ଅନେକ ଐତିହାସିକ ତଥ୍ୟ ଜାଣିବାର ସୁଯୋଗ ପାଇପାରିବେ।
* **ଲାଲକିଲ୍ଲା:** ସ୍ୱାଧୀନତା ଦିବସ ଅବସରରେ ଦିଲ୍ଲୀସ୍ଥିତ ଲାଲକିଲ୍ଲା ଆଡ଼େ ମଧ୍ୟ ବୁଲିଗଲେ ମନରେ ଏକ ଅପୂର୍ବ ଶିହରଣ ଖେଳିଯାଇଥାଏ। କାରଣ ଏହା ହେଉଛି ଏକ ଐତିହାସିକ ଦୁର୍ଗ। ଇତିହାସ ସମ୍ବନ୍ଧୀୟ ଅନେକ ତଥ୍ୟ ଏହି ଦୁର୍ଗ ସହିତ ଜଡ଼ିତ ରହିଛି। ତା'ସାଙ୍ଗକୁ ଏହି ଦୁର୍ଗଟିର ଅପୂର୍ବ ସୌନ୍ଦର୍ଯ୍ୟ ଦେଖିବାକୁ ବେଶ୍ ମନୋରମ ଲାଗିଥାଏ।

* **ଚମ୍ପାରଣ:** ଏହା ବିହାରସ୍ଥିତ ଏକ ଐତିହାସିକ ସ୍ଥଳ, ଯାହା ଏବେ ପୂର୍ବ ଚମ୍ପାରଣ ଓ ପଶ୍ଚିମ ଚମ୍ପାରଣ ନାମରେ ଦୁଇଟି ଭିନ୍ନ ଜିଲା ହୋଇଯାଇଛି। ଇତିହାସ ଅନୁଯାୟୀ, ବିଦେଶରୁ ଫେରିବା ପରେ ଜାତିର ପିତା ମହାତ୍ମା ଗାନ୍ଧୀ ଇଂରେଜଙ୍କ ବିରୋଧରେ ନିଜର ପ୍ରଥମ ଅହିଂସା ଆନ୍ଦୋଳନ ଏହିଠାରୁ ଆରମ୍ଭ କରିଥିଲେ। ଏହାକୁ ଆମେ ଭାରତର ଏକ କୃଷକ ଆନ୍ଦୋଳନ ମଧ୍ୟ କହିପାରିବା, ଯାହାର ପ୍ରତିନିଧିତ୍ୱ ସ୍ୱୟଂ ବାପୁ ହିଁ କରିଥିଲେ। ଚମ୍ପାରଣର ଇତିହାସ ଏତେସବୁ ଗୁରୁତ୍ୱପୂର୍ଣ୍ଣ ଘଟଣାବଳୀକୁ ନିଜ ଭିତରେ ସାଇତି ରଖିଥିବାରୁ ଏହି ସ୍ଥାନଟିର ମହତ୍ତ୍ୱ ସବୁବେଳେ ରହିଆସିଛି। ତେଣୁ ସ୍ୱାଧୀନତା ଦିବସ ଅବସରରେ ପର୍ଯ୍ୟଟକ ଏଠାକୁ ମଧ୍ୟ ବୁଲିଯାଇ ଅନେକ ଅନୁଭୂତି ହାସଲ କରିପାରିବେ।
* **ସାବରମତୀ ଆଶ୍ରମ:** ଗୁଜରାଟର ଅହମଦାବାଦ୍‌ସ୍ଥିତ ସାବରମତୀ ନଦୀତଟରେ ଥିବା ଏହି ଆଶ୍ରମରେ ଗାନ୍ଧିଜୀ ନିଜ ଅନୁଗତ ବା ଶିଷ୍ୟମାନଙ୍କୁ ଅହିଂସା ଏବଂ ସତ୍ୟର ସନ୍ଧାନ ଉପରେ ଶିକ୍ଷା ଦେଉଥିଲେ। ତା'ସହିତ ଗାନ୍ଧିଜୀ ସେମାନଙ୍କୁ କୁଟୀରଶିଳ୍ପ, ହସ୍ତଶିଳ୍ପ, ଚାଷବାସ ଆଦି ବିଷୟ ଉପରେ ଜ୍ଞାନ ପ୍ରଦାନ କରୁଥିଲେ। 'ଖଟି ଖାଅ କାଟି ପିନ୍ଧ' ଥିଲା ଗାନ୍ଧିଜୀଙ୍କର ବାଣୀ। ସେଥିପାଇଁ ଗାନ୍ଧିଜୀ ଏଠାରେ ଚରଖା ସ୍ଥାପନ କରି ସେଥିରେ ନିଜେ ନିଜର ପୋଷାକ ତିଆରି କରି ପିନ୍ଧୁଥିଲେ ଏବଂ ଆଶ୍ରମବାସୀଙ୍କୁ ବି ତାହା ଶିଖାଉଥିଲେ। ତେଣୁ ଗାନ୍ଧିଜୀଙ୍କ ଆଦର୍ଶ ଓ ଶିକ୍ଷା ସବୁଦିନ ପାଇଁ ସମସ୍ତଙ୍କ ହୃଦୟରେ ଜୀବିତ ହୋଇ ରହିଛି ଓ ରହିଥିବ। ଆଉ ଏହି ସାବରମତୀ ଆଶ୍ରମଟି ଗାନ୍ଧିଜୀଙ୍କର ଗୁଣଗାନ ବଖାଣୁଥିବ। ତେଣୁ ସ୍ୱାଧୀନତା ଦିବସ ଅବସରରେ ପର୍ଯ୍ୟଟକ ଚାହିଁଲେ ଏହି ଆଶ୍ରମକୁ ବୁଲିଯାଇ କିଛିଟା ନିଆରା ଅନୁଭୂତି ସାଉଁଟି ପାରିବେ।



କେବଳ ଏହିସବୁ ସ୍ଥାନ ନୁହେଁ, ପର୍ଯ୍ୟଟକ ଚାହିଁଲେ ସ୍ୱାଧୀନତା ଦିସବ ଅବସରରେ କୋଲକାତାର ନେତାଜୀ ଭବନ, ଲଦାଖର କାରଗିଲ୍ ଯୁଦ୍ଧ ସ୍ମାରକ, ଉତ୍ତରପ୍ରଦେଶର ଝାନ୍ସି କା କିଲ୍ଲା, ଗୁଜରାଟର ପୋର୍‌ବନ୍ଦର ଆଦି ସ୍ଥାନକୁ ବୁଲିଯାଇ ଦେଶପ୍ରୀତିର କିଛିଟା ନିଆରା ଅନୁଭୂତିକୁ ନିଶ୍ଚୟ ଅନୁଭବ କରିପାରିବେ।







# ଜାଦୁ ଆଙ୍ଗୁଠି

କିଛି ଲୋକଙ୍କ ଭିତରେ ଏମିତି କିଛି ସ୍ୱତନ୍ତ୍ରତା ଥାଏ, ଯାହା ସେମାନଙ୍କୁ ଭିନ୍ନ ପରିଚୟ ଦେଇଥାଏ। ଆମେରିକା ମାସାଚୁସେଟ୍‌ରେ ରହୁଥିବା ଜ୍ୟାକବ୍ ପିନା ହେଉଛନ୍ତି ସେମିତି ଜଣେ ଯୁବକ। ତାଙ୍କ ପାଖରେ ଅଛି ଏମିତି ଏକ ଖାସ୍ ସ୍ୱତନ୍ତ୍ରତା, ଯାହାକୁ ନ ଦେଖିଲେ ବିଶ୍ୱାସ କରି ହେବନି। କାରଣ ତାଙ୍କର ଅଛି ଏକ ଜାଦୁ ଆଙ୍ଗୁଠି, ଯାହାକୁ ସେ ନିଜ ଇଛା ଅନୁସାରେ ବଡ଼ ଓ ଛୋଟ କରିପାରନ୍ତି। ଭାବୁଥିବେ ଏମିତି କ'ଣ କେବେ ସମ୍ଭବ। କିନ୍ତୁ ସୋସିଆଲ ମିଡିଆରେ ଶେୟାର କରିଥିବା ତାଙ୍କର ଭିଡିଓ ଓ ଫଟୋ ଦେଖିଲେ ଆପଣ ବିଶ୍ୱାସ କରିବାକୁ ବାଧ୍ୟ ହେବେ ଯେ, ସତରେ ସେ ସବୁ ମଣିଷଙ୍କଠାରୁ ଭିନ୍ନ ଓ ସ୍ୱତନ୍ତ୍ର। ତାଙ୍କର ଏଇ ଇଶ୍ୱରପ୍ରଦତ୍ତ ସ୍ୱତନ୍ତ୍ରତା ଯୋଗୁ ସେ ନିଜ ଆଙ୍ଗୁଠିକୁ ନିର୍ଦ୍ଦେଶ ଦେଇ ୫.୫ ଇଞ୍ଚ ପର୍ଯ୍ୟନ୍ତ ଲମ୍ବା କରିପାରନ୍ତି। ଆଉ ଚାହିଁଲେ ତାକୁ ସାଧାରଣ ଆକାରକୁ ବି ଫେରାଇ ଆଣିପାରନ୍ତି। ଏହି ଦୃଶ୍ୟକୁ ଦେଖିଲେ ଜାଦୁ ଦେଖିଲା ପରି ମନେ ହେବ। ଖାଲି ସେତିକି ନୁହେଁ ସେ ତାଙ୍କ ଆଙ୍ଗୁଠିକୁ ମୋଡିବା ସହ ଭାଙ୍ଗି ମଧ୍ୟ ପାରନ୍ତି। ଆଉ ତାକୁ ଠିକ୍ ମଧ୍ୟ କରିପାରନ୍ତି। ତେବେ ଅନେକେ କହନ୍ତି ଏହା ଜେନେଟିକ୍ସ ପାଇଁ ସମ୍ଭବ ହେଉଛି।






## କାର୍ଟୁନ କର୍ନର



# ଭଲଦିନ...



## କଥା ଚାଟ୍



ଶ୍ରୀମାନ୍ ସର୍ବଗିଳା

ପବିତ୍ର ଭାରତ ମାଟିରେ ଫିରିଙ୍ଗି ପତାକା ଗଡ଼େଇ ଇଂରେଜଙ୍କୁ ତଡ଼େଇ ତ୍ରିରଙ୍ଗା ଉଡ଼େଇ କବାଟ କିଳି ଭଲଦିନ ଆସିବ ବୋଲି ବଡ଼ ଶରଧାରେ ଆ ଆ ବୋଲି ଡାକୁଛୁ । ପତିତପାବନଙ୍କ ରଥଯାତ୍ରା ଗହଳିରେ ଚକାଡୋଳା ଚାହିଁଥିବାବେଳେ ଶୃଙ୍ଖଳା ରକ୍ଷାକରୁଥିବା ଅତି ଭଦ୍ର ବ୍ୟକ୍ତି ଜଣକ ପାଖରେ ଠିଆହୋଇଥିବା ଯୁବତୀର ଅଙ୍ଗରେ ବାରମ୍ବାର କହୁଣି ଘଷୁଥିଲା , ଯିଏ ୬ ଦିନ ତଳେ ତା’ ବନ୍ଧୁମାନଙ୍କୁ ପଚାରି ବୁଝୁଥିଲା ସ୍ୱାଧୀନତାର ଏତେ ବର୍ଷ ଗଲାଣି ଭଲଦିନ କେବେ ଆସିବ ?

ଗଣ ବଳାତ୍କାରରେ ପୀଡ଼ିତା ଝିଅଟି ଗାଁରୁ ବୁଢ଼ାଜେଜେ ସାଥିରେ ଆସି ସୁବିଚାର ଆଶାରେ ଠିକଣା ଜାଗାରେ ପହଞ୍ଚିଯାଇଥିଲା । ତଳରୁ ଉପର ଜଣ ଜଣ କରି ତିନିଜଣ ବାବୁ ତାକୁ ଡାକିନେଇ ଷ୍ଟେଟ୍‌ମେଣ୍ଟ ନେଲେ । ସବୁଠୁ ବଡ଼ବାବୁ ପହଞ୍ଚି ଘଟଣାର ଏନ୍‌କ୍ୱାରି ନିମନ୍ତେ ଷ୍ଟେଟ୍‌ମେଣ୍ଟ ନେବାକୁ ଡାକିଲାବେଳେ ଭୋ ଭୋ କାନ୍ଦି ସେ କହୁଥିଲା, ଆଉ ଷ୍ଟେଟ୍‌ମେଣ୍ଟ ଦେଲେ ମୁଁ ମରିଯିବି ବାବୁ । ଗଲା ରବିବାର ରାତିରେ ଜବତ ହୋଇଥିବା ଚୋରା ଖାସି କାଟି ଭୋଜି ଖାଇବା ଆଗରୁ ବିଦେଶୀ ପାନୀୟ ପର୍ବରେ ଦେଶ ହିତକଥା ନ ଭୁଲି ଆଲୋଚନା କରୁଥିଲେ ଆମ ପାଇଁ ଭଲଦିନ କେବେ ଆସିବ ?

ନରିଆ ପ୍ରଧାନ ସୁରଟରୁ ଫେରି ଜମିବାଡ଼ି ବନ୍ଧା ପକେଇ ବ୍ୟାଙ୍କଲୋନ୍ ନେଇ ଛୋଟ କାରଖାନାଟାଏ କଲେ । ତିରିଶି ସରିକି ଲୋକଙ୍କୁ କର୍ମନିଯୁକ୍ତିଦେଇ ତାଙ୍କ ପରିବାର ପୋଷୁଥିବା କାରଖାନାକୁ ଜୋର୍‌ଦାର ଆଗେଇନେବାକୁ ପ୍ରତିମାସରେ ଇଲେକ୍ଟ୍ରି ବିଭାଗ ବାବୁ, ଶ୍ରମ ବିଭାଗ ବାବୁ, ଟିକସବାବୁ, ପରିବେଶ ସ୍ୱଚ୍ଛକାରୀ ଦଳ ତଥା ଅନେକ ନେତୃଗଣ ଘନ ଘନ ଆଗମନକରି ଉପଦେଶ ଦେଉ ଦେଉ ଅଳ୍ପଦିନରେ ସବୁ ଚଲୁ ହୋଇଯିବାପରେ ଲୋନ୍ ଶୁଝିବାକୁ ବ୍ୟାଙ୍କବାଲାଙ୍କ ନୋଟିସରେ ନରି ଥରହର । ନରିଆ ଚୁଲି ଚାଳ ନିଲାମ ହୋଇଗଲା । ବିଭାଗୀୟ ବାବୁମାନେ ଅଫିସରେ ପ୍ରାୟ ଆଲୋଚନା ଜାରି ରଖିଥିଲେ ଭଲଦିନ କେବେ ଆସିବ ଆଉ ତାଙ୍କ ଖାତାରେ କଳାଟଙ୍କାର ଅଂଶଧନ ପନ୍ଦରଲକ୍ଷ ଜମାହେବ । ଟ୍ୟାକ୍ସ ଫାଙ୍କିଆସୁଥିବା ଟଙ୍କନିଧି ବାବୁ ଟଙ୍କାର ମହତ୍ତ୍ୱ ବୁଝି ଗୋଟାଏରୁ ଆଠ ଆଠଟା ଶୋ’ରୁମ୍ ଦୋକାନ ବିଭିନ୍ନ ସହରରେ ଖୋଲିସାରିଥିଲେ । ତଥାପି ବାବୁଙ୍କର ଦେଶ ହିତ ଚିନ୍ତା ଥିବାରୁ ଗ୍ରାହକମାନଙ୍କୁ ପଚାରି ବୁଝୁଥିଲେ, କହିପାରିବେକି ଭଲଦିନ କେବେ ଆସିବ ? ଚାଷଜମି ସବୁ ପଡ଼ିଆ ପକେଇ, ସରକାରୀ ଅନୁଦାନ ହଡ଼ପକରି, ଯୁବକ୍ଲବର ବାବୁମାନେ ସଞ୍ଜରେ ଭୋଜିଭାତ ପିଆପିଇ ଆସର ଜମେଇକି ବି ଦେଶର ହିତ କଥା ଚିନ୍ତା କରୁଥିଲେ ଯେ ଭଲଦିନ କେବେ ଆସିବ ।

ବୁଢ଼ାବାପାର ପେନ୍‌ସନ ଟଙ୍କାରେ ଲକ୍ଷେଟଙ୍କିଆ ମଟରସାଇକେଲ କିଣି ଗାର୍ଲଫ୍ରେଣ୍ଡ ଧରି ଘିରି ଘିରି ଚକ୍କର ମାରି ହଟ୍‌ପିଜା, ହଟ୍‌ଡ୍ରିଂକ୍ସ ପିଆଇ ମନକୁ କୁଲ୍ କୁଲ୍ କରୁଥିବା ପବନା, ପାର୍କରେ ପ୍ରେମିକାକୁ ପଚାରୁଥିଲା ଭଲଦିନ କେବେ ଆଉ ଆସିବ ? ଦେଶୀ ଖାଦ୍ୟ ପୋଷାକ ବର୍ଜନକରି, ଦେଶୀଗାଈ ବିକ୍ରିକରି ବିଦେଶୀ କୁକୁରପାଳି, ଫରେନ୍ ଫୁଡ୍ ଖାଇ, ଫରେନ୍ ସଂସ୍କୃତି ଆପଣେଇ ପିଲାଙ୍କୁ ତାଙ୍କ ରାସ୍ତାରେ ଚାଲିବାକୁ ପ୍ରେରଣାଦେଇ ଆସୁଥିବା ଦାସବାବୁ ଓରଫ ନଣ୍ଡା, ଭେଣ୍ଡିଆମାନଙ୍କୁ ପଚାରଥିଲେ ଭାରତରେ ଆଉ ଭଲଦିନ ଆସିବ ତ ? ମଧ୍ୟାହ୍ନଭୋଜନ ଚାଉଳ ଡାଲି ଅଣ୍ଡା ହଡ଼ପକାରୀ ଝିଅଙ୍କୁ ଅଲଗା ଇଙ୍ଗିତ କରୁଥିବା ରସିକ ସାର୍ ସହକର୍ମୀ ଶିକ୍ଷକମାନଙ୍କୁ ପଚାରନ୍ତି ଭଲଦିନ କେବେ ଆସିବ ?

ଏମିତିକି ଡେଥ୍ ସାର୍ଟିଫିକେଟ ଦେବାକୁ ମାତ୍ର ଏଗାର ହଜାର ଟଙ୍କା ଦାବିକରି ଭିଜିଲାନ୍ସ ହାତରେ ଧରାପଡ଼ିଥିବା ସଚ୍ଚୋଟ ଡାକ୍ତର, ଚାକିରି ଦେବାକୁ କହି କୋଟି କୋଟି ଟଙ୍କା ନେଇଥିବା ନେତା ଏକାଠି ମିଶି ପାଟିରେ ଚିକେନ ତନ୍ଦୁରି ପୂରାଉ ପୂରାଉ ଲୁହ ଛଳଛଳ ଆଖିରେ ପ୍ରଶ୍ନ କରୁଥିଲେ ଭଲଦିନ କେବେ ଆସିବ ? ପୈତୃକ ସମ୍ପତ୍ତିର ଚଉଦଶହ ଗୁଣା ବଢ଼େଇଥିବା ମାର୍କାମରା ବାବୁ ଏବେ ବିରୋଧୀଦଳରେ ବସି ଶାସକଦଳଙ୍କୁ ପ୍ରଶ୍ନକରୁଥିଲେ ଭଲଦିନ କେବେ ଆସିବ, କଳାଧନ କେବେ ମିଳିବ ? ପରକୀୟା ପ୍ରୀତିରେ ଲିପ୍ତ ପ୍ରେମିକା, ତା’ ପ୍ରେମିକ ସହ ମିଶି ଗିରସ୍ତକୁ ମାରି ଦିଟା ଛୁଆ ଛାଡ଼ି ଫେରାରହୋଇ ଯିବାପରେ ତା’ ପ୍ରେମିକକୁ ପଚାରୁଥିଲା– ଆମର ଆଉ ଭଲଦିନ କେବେ ଆସିବ ? ଆଉ ଆମ ସଂସାର କେମିତି ଆଗକୁ ଯିବ ।

ଅଗଷ୍ଟ ପନ୍ଦର ଦିନ ନାତି, ମନ୍ତ୍ରୀଙ୍କ ଭାଷଣ ଶୁଣି ହାତରେ ଲଡୁ ଧରି ଆସି ମତେ କହିଲା.. ଆମର ଭଲଦିନ ଆସିସାରିଛି । ଆମକୁ ମାଗଣା ମଧ୍ୟାହ୍ନଭୋଜନ, ଅଣ୍ଡା, ଭାତଡାଲମା, ପୋଷାକ, ବହି ମିଳୁଛି । ନ ପଢ଼ିଲେ ବି ପାସ୍ କରେଇଦିଆଯାଉଛି । ଦଣ୍ଡମୁକ୍ତ ପାଠପଢା ଘୋଷଣା ହୋଇଥିବାରୁ ମାଡ଼ ଭୟ ବି ଛାଡି ଯାଇଛି ।

ମୁଁ ତା’ ମୁହଁକୁ ଅନେଇ ଭାବୁଥିଲି... ଆରେ ହଁ ହଁ । ଯେବେଠୁଁ ଦୋଷୀମାନେ ମିଶି ପୋଲିସଙ୍କୁ ପିଟିଲେଣି, ଟୋଲ୍ ଫ୍ରି ନମ୍ବର ଦେଖି ଛାତ୍ରମାନଙ୍କୁ ସାର୍‌ମାନେ ଡରିଲେଣି.... ସେବେଠୁ ତ ଭଲଦିନ ଆସିସାରିଲାଣି ।


–ମଙ୍ଗରାଜପୁର, ପୁରୀ
ମୋ:୭୦୦୮୧୮୮୪୭

## ପୁସ୍ତକ ସମୀକ୍ଷା

### ଶବ୍ଦ ଶସ୍ତ୍ର

ରଂଜନ କୁମାର ଦାସ
ବୁକ୍‌ସ୍ ଏଣ୍ଡ ବୁକ୍‌ସ୍ , ବିନୋଦ ବିହାରୀ, କଟକ–୨
ମୂଲ୍ୟ–୧୫୦ଟଙ୍କା

‘ଶବ୍ଦ ଶସ୍ତ୍ର’ ରଂଜନ କୁମାର ଦାସଙ୍କ ପ୍ରବନ୍ଧ ପୁସ୍ତକ । ଏଥିରେ ସ୍ଥାନୀତ ପ୍ରବନ୍ଧ ଭିତରୁ ଅନେକ ଧରିତ୍ରୀରେ ପୂର୍ବରୁ ପ୍ରକାଶିତ ହୋଇଛି । ଆମ ଦୈନନ୍ଦିନ ଜୀବନରେ ଘଟୁଥିବା ଘଟଣାଗୁଡିକୁ ନେଇ କବି ରଂଜନ ପ୍ରବନ୍ଧଗୁଡିକୁ ରଚନା କରିଛନ୍ତି । ଯାହା ତାଙ୍କ ବିଭିନ୍ନ ସ୍ଥାନରେ ଚାକିରି ବେଳର ଅନୁଭୂତି ଓ ଅନୁଭବ । ଯେମିତି ‘ନ ରୁଚଇ ସର ଲବଣି’ ପ୍ରବନ୍ଧରେ ଲେଖକ ବର୍ଣ୍ଣନା କରିଛନ୍ତି । ପାଲୁ ବାଇଆ ବୋଲି ଜଣେ ଲୋକ ଥିଲେ । ସେ ପ୍ରତିଦିନ ବିଭିନ୍ନ ସ୍ଥାନରୁ କିଛି ମାଗି ଯାଚି ଚଳନ୍ତି । ଲେଖକଙ୍କ କ୍ୱାର୍ଟର୍ସ ଭିତରକୁ ମଧ୍ୟ ମାଗିବାକୁ ଆସନ୍ତି । ତାଙ୍କୁ ଲେଖକ ତାଙ୍କ ବଗିଚାରେ କାମ କରିବାକୁ କହିଥାନ୍ତି । ଟଙ୍କା ଦୁଇଟଙ୍କା ବଦଳରେ ପୁରା ପାରିଶ୍ରମିକ ଓ ଖାଇବାକୁ ଦେବାକୁ କୁହନ୍ତି । କିନ୍ତୁ ସେ ରାଜି ନ ହୋଇ ଦାନ୍ତ ନିକୁଟୁ ଥାନ୍ତି । ଏହା କେବଳ ପାଲୁଙ୍କ ମାନସିକତା ନୁହେଁ, ଆମ ସମସ୍ତଙ୍କର । ଆମେ ମାଗି ଖାଇବା କିନ୍ତୁ ଖଟି ବା ପରିଶ୍ରମ କରି ଦି ପଇସା ଅଧିକ ରୋଜଗାର କରିବା ନାହିଁ । ପୁସ୍ତକରେ ଏମିତି ଅନେକ ପ୍ରବନ୍ଧ ରହିଛି ଯାହା ଅନଭୁବ ଓ ସତ୍ୟ ଉପରେ ଆଧାରିତ । ଏଥିରୁ ପାଠକେ ହୃଦୟଙ୍ଗମ କରିବେ କେତେ ଶାଣିତ ରଂଜନଙ୍କ ‘ଶବ୍ଦ ଶସ୍ତ୍ର’ ।




### ଦାରୁବ୍ରହ୍ମ

ଭକ୍ତ କବି ଧରମାନନ୍ଦ ଦାସ (ପ୍ରକାଶ ଚନ୍ଦ୍ର ମୁନି)
ପ୍ରକାଶିକା–ସ୍ନେହଲତା ମୁନୀ
ଗଳ୍ପ କବିତା ପ୍ରକାଶନୀ, ବରଗଡ ବ୍ରିଟ୍ କଲୋନୀ
ଭୁବନେଶ୍ୱର–୧୦, ମୂଲ୍ୟ– ୧୫୦ଟଙ୍କା


ଦାରୁବ୍ରହ୍ମ ଭକ୍ତି ସଙ୍ଗୀତ ପୁସ୍ତକ ଭକ୍ତ କବି ଧରମାନନ୍ଦ ଦାସ(ପ୍ରକାଶ ଚନ୍ଦ୍ର ମୁନି)ଙ୍କ ଦ୍ୱାରା ରଚିତ । ଏଥିରେ ୧୧୬ଟି ଭକ୍ତି ସଙ୍ଗୀତ ସ୍ଥାନ ପାଇଛି । ଦାରୁବ୍ରହ୍ମରେ ଯେଉଁ ଗୀତି କବିତାଗୁଡିକ ଅଛି ସେଥିରେ ଭାବ, ଆବେଗ ଓ ଦୁଃଖଭରା ଜଣାଣ ରହିଛି । ପ୍ରାଚୀନ ପରମ୍ପରା ଓ ଆଧୁନିକ ଶୈଳୀରେ ଭକ୍ତି ସଙ୍ଗୀତ ରଚନା କରାଯାଇଛି । ପ୍ରାଚୀନ ପରମ୍ପରାରୁ ଅନେକ କବିତାରେ କବି ନିଜକୁ ଅନ୍ଧମୁନୀ, ଶୁଦ୍ରମୁନି ଓ ଦରଦୀ ନାମରେ ଭଣିତା କରିଛନ୍ତି । ରାଗ ରାଗିଣୀ ଛନ୍ଦରେ ମଧ୍ୟ ଭଣିତା କରାଯାଇଛି । ଏଥିରେ ରାଧା, କୃଷ୍ଣ, କାଳିଆ ଆଦି ବିଭିନ୍ନ ଦେବଦେବୀଙ୍କ ଲାଗି ଭଜନ ଲେଖାଯାଇଛି । କେତେବେଳେ ଅଭିମାନରେ କବି ଦରଦୀ ଦୁଃଖୀ ଜନର ଭାବ ଆବେଗକୁ ଜଗନ୍ନାଥଙ୍କଠାରେ ଅର୍ପଣ କରିଛନ୍ତି । ପୁସ୍ତକର ସାଙ୍ଗିତିକ ଗୀତିମୟତା ସ୍ୱତନ୍ତ୍ର ଓ ନିଆରା । ପୁସ୍ତକଟି ଭଜନ ଓ ଜଣାଣ ପ୍ରେମୀଙ୍କ ଲାଗି ଖୋରାକ ଯୋଗାଇବ ଏଥିରେ ସନ୍ଦେହ ନାହିଁ ।




### ଆଧୁନିକ ଓଡ଼ିଆ ସାହିତ୍ୟର ପ୍ରମୁଖ ପ୍ରସଙ୍ଗ

ଡକ୍ଟର ଜଗନ୍ନାଥ ଜେନା
ଲିପିକା, ନିଜିଗଡ କୁରୁଖି, ହରିରାଜପୁର
ଜଟଣୀ । ମୂଲ୍ୟ–୨୦୦ଟଙ୍କା

ଆଧୁନିକ ଓଡ଼ିଆ ସାହିତ୍ୟର ପ୍ରମୁଖ ପ୍ରସଙ୍ଗ ଡକ୍ଟର ଜଗନ୍ନାଥ ଜେନାଙ୍କ ପ୍ରବନ୍ଧ ପୁସ୍ତକ । ଏଥିରେ ୧୩ଟି ପ୍ରବନ୍ଧ ସ୍ଥାନ ପାଇଛି । କବି ସମ୍ରାଟ ଓ କବିବରଙ୍କଠାରୁ ଆରମ୍ଭ ହୋଇ ହାରାମଣି ଓ ବୈଷ୍ଣବ ପାଣିଙ୍କ ପ୍ରେମକାହାଣୀ ସମ୍ପର୍କରେ ବସ୍ତୃତ ଭାବେ ବର୍ଣ୍ଣନା କରାଯାଇଛି । ସୂକ୍ଷ୍ମ ମାନବୀୟ ମନସ୍ତାତ୍ତ୍ୱିକ ଚେତନା ସହିତ ପ୍ରକୃତିର ଅନନ୍ୟ ମାର୍ମିକ ଚିତ୍ର ପ୍ରବନ୍ଧଗୁଡିକରେ ଲିପିବଦ୍ଧ । କବି ଲେଖକମାନଙ୍କ ରଚନାର ବିଭିନ୍ନ ଦିଗ ଦିଗନ୍ତ ଉପରେ ପ୍ରାବନ୍ଧିକ ବିସ୍ତୃତ ଭାବେ ଆଲୋଚନା କରିଛନ୍ତି । ଆଲୋଚ୍ୟ ଲେଖକମାନଙ୍କ ମଧ୍ୟରୁ ଅର୍ଦ୍ଧାଧିକ ଥିଲେ ପ୍ରଥମେ ଶିକ୍ଷକ ଓ ପରେ କବି, ସମାଜ ସଂସ୍କାରକ ଏବଂ ରାଜନେତା । ସାମାଜିକ ପରିବର୍ତ୍ତନରେ ଏମାନଙ୍କ ଭୂମିକା ମଧ୍ୟ ଗୁରୁତ୍ୱପୂର୍ଣ୍ଣ । ଏମାନଙ୍କ ସାହସ, ସେବା, ତ୍ୟାଗ, ସ୍ୱାଧୀନଚିନ୍ତା ଓ ଆତ୍ମୋତ୍ସର୍ଗ ମନୋବୃତ୍ତି ଅନନ୍ୟ । ଏମାନଙ୍କ ଲେଖନୀ ଦେଶକୁ ନୂତନ ଦିଗ୍‌ଦର୍ଶନ ଓ ଦିଶା ଦେଖାଇଛି । ପୁସ୍ତକଟି ଛାତ୍ର ଗବେଷକଙ୍କ ଲାଗି ନିଶ୍ଚୟ ସହାୟକ ହେବ ଏଥିରେ ଦ୍ୱିମତ ନାହିଁ ।



ବ୍ୟାକ୍ ପେଜ୍

# ସବୁଠୁ ବଡ କ୍ୟାମେରା ସଂଗ୍ରହ

ମୁମ୍ବାଇର ଦିଲିଶ ପାରେଖ୍, ପେସାରେ ଜଣେ ଜୁଏଲର୍ କିନ୍ତୁ ପ୍ୟାସନ୍‌ରେ ଫଟୋଜର୍ଣ୍ଣାଲିଷ୍ଟ। ତେବେ ସଉକ ତାଙ୍କର କ୍ୟାମେରା ସଂଗ୍ରହ କରିବା। ଏହି ସଉକ ପାଇଁ ସେ ଗିନିଜ ୱାର୍ଲଡ ରେକର୍ଡସ୍‌ରେ ବି ସ୍ଥାନ ପାଇପାରିଛନ୍ତି। କାରଣ ତାଙ୍କ ପାଖରେ ଅଛି ସର୍ବାଧିକ ୪,୪୦୦ରୁ ଉର୍ଦ୍ଧ୍ୱ କ୍ୟାମେରା। ସେଥିରେ ଅନେକ ବିରଳ ଓ ବହୁ ପୁରୁଣା ଭିଣ୍ଟେଜ୍ କ୍ୟାମେରା ବି ଅଛି। ସେ ଏହି ସଂଗ୍ରହ ୪୫ ବର୍ଷ ପୂର୍ବେ ଆରମ୍ଭ କରିଥିଲେ, ଯେତେବେଳେ ତାଙ୍କ ଜେଜେବାପା ତାଙ୍କୁ ତାଙ୍କ କ୍ୟାମେରା ସଂଗ୍ରହରୁ ୬୦୦ଟି କ୍ୟାମେରା ଦେଇଥିଲେ। ତାଙ୍କ ଜେଜେବାପା ବି ଜଣେ କ୍ୟାମେରା ସଂଗ୍ରାହକ ଥିଲେ। ଏହାପରେ ତାଙ୍କର କ୍ୟାମେରା ସଂଗ୍ରହ ନିଶା ବଢିଯାଇଥିଲା। ଏବେ ତାଙ୍କ ପାଖରେ



୪,୪୨୫ଟି କ୍ୟାମେରା ଅଛି। ଆଉ ସେ ଦୁଇ ଦୁଇ ଥର ଗିନିଜ ୱାର୍ଲଡ ରେକର୍ଡସ୍‌ରେ ସ୍ଥାନ ପାଇବା ସହ ୧୦ ଥର ଲିମ୍‌କା ବୁକ୍ ଅଫ୍ ୱାର୍ଲଡ ରେକର୍ଡସ୍‌ରେ ଓ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ୍‌ରେ ବି ସ୍ଥାନ ପାଇଛନ୍ତି। ତାଙ୍କ ପାଖରେ ରୋଲିଫ୍ଲେକ୍ସ, ଲେଇକା ଏମ୍‌୩ ପରି ଭିଣ୍ଟେଜ କ୍ୟାମେରା ସହ ଅନେକ ଛୋଟ ଛୋଟ ସ୍ପାଇ କ୍ୟାମେରା ଯେମିତିକି ରିଷ୍ଟ ୱାଚ୍, ଲାଇଟର୍, ମିଲିଟାରୀରେ ବ୍ୟବହାର କରାଯାଉଥିବା ମାଇନକ୍ସ କ୍ୟାମେରା ଆଦି ବି ଅଛି।



# ପଞ୍ଚମ ପାସ୍ ଯୁବକ ତିଆରି କଲେ ଏୟାରକ୍ରାଫ୍ଟ





ରାଜସ୍ଥାନ, ଚୁରୁ ଜିଲାସ୍ଥ ଦସ୍‌ସୁସର୍ ଗାଁର ବଜରଙ୍ଗ ନାମକ ଜଣେ ବ୍ୟକ୍ତି ଥରେ ଏୟାରପୋର୍ଟ ଯାଇଥାନ୍ତି ବୁଲିବାକୁ। କାରଣ ତାଙ୍କୁ ଏରୋପ୍ଲେନ୍ ଟେକ୍‌ଅଫ୍ କରିବା ଦୃଶ୍ୟ ଦେଖିବାକୁ ଭାରି ଭଲ ଲାଗେ। ହେଲେ ସେଦିନ ସିକ୍ୟୁରିଟିଗାର୍ଡ ତାଙ୍କୁ ଟେକ୍‌ଅଫ୍ ଦୃଶ୍ୟ ଦେଖିବାକୁ ଦେଇ ନ ଥିଲା, ଯାହା ତାଙ୍କୁ ବହୁତ ବାଧିଥିଲା। ଆଉ ତାଙ୍କ ଆତ୍ମସମ୍ମାନ ଉପରେ ଆଞ୍ଚ ଆସିଥିଲା। ସେଥିପାଇଁ ସେ ନିଷ୍ପତ୍ତି ନେଲେ ନିଜେ ଏକ ଏରୋପ୍ଲେନ ତିଆରି କରିବେ। ହେଲେ ବଜରଙ୍ଗ ମାତ୍ର ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପଢିଥିଲେ। ଆଉ ଗାଁରେ ଏକ ମୋବାଇଲ, କମ୍ପ୍ୟୁଟର ରିପାୟରିଂର ଏକ ଛୋଟିଆ ଦୋକାନ କରିଥିଲେ। ତାଙ୍କ ପାଖରେ ନା ଥିଲା ସମ୍ବଳ ନା ସେ ଜାଣିଥିଲେ ଏରୋପ୍ଲେନ୍ ତିଆରି କରିବାର କୌଶଳ। ହେଲେ ତାଙ୍କ ପାଖରେ ଥିଲା ଏରୋପ୍ଲେନ୍ ତିଆରି କରିବାର ଝୁଙ୍କ୍। ଆଉ ଏଇ ଝୁଙ୍କ ଲାଗି ସେ ଦିନରାତି ଅନେକ ପରୀକ୍ଷା ନିରୀକ୍ଷା କରିଥିଲେ। ଦୋକାନରୁ ଅର୍ଜିତ ଅଧିକାଂଶ ଅର୍ଥ ଖଟାଇ ଓ କିଛି ଧାରକରଜ କରି ଦୀର୍ଘ ୮ ବର୍ଷ ପରିଶ୍ରମ ପରେ ସେ ଏକ ଦୁଇ ସିଟ୍ ବିଶିଷ୍ଟ ଏୟାରକ୍ରାଫ୍ଟ ତିଆରି କରିବାରେ ସଫଳ ହେଲେ। ଏହି ଏୟାରକ୍ରାଫ୍ଟ ତିଆରି କରିବାରେ ସେ ୧୫ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରିଛନ୍ତି। ବଜରଙ୍ଗ ଦାବି କରନ୍ତି ଯେ, ତାଙ୍କ ପ୍ଲେନ ଘଣ୍ଟାକୁ ୧୮୦ କି.ମି ବେଗରେ ଉଡିପାରେ। ଏହି ଏରୋପ୍ଲେନ୍‌ରେ ସେ ୱାଗନର୍ କାର୍‌ର ଇଞ୍ଜିନ ବ୍ୟବହାର କରିଛନ୍ତି। ତାଙ୍କ ଫୁଏଲ ଟ୍ୟାଙ୍କ ୪୫ ଲିଟରର ଅଟେ, ଯେଉଁଥିରେ ୧୫୦ କି.ମି. ଉଡାଣ ଭରିହେବ। ଏହାର ୱିଙ୍ଗ ଆଲୁମିନିୟମ୍‌ରେ, ଭିତରର କଭର ଆମେରିକାନ ତିରପାଲରେ ଓ ଫ୍ରଣ୍ଟ କାଚ ପ୍ଲାଷ୍ଟିକ୍‌ରେ ତିଆରି କରାଯାଇଛି। ଏହା ପେଟ୍ରୋଲରେ ଚାଲିଥାଏ। ତେବେ ବଜରଙ୍ଗଙ୍କର ଏଭଳି କାର୍ଯ୍ୟ ଦେଖି ତାଙ୍କର ଶିକ୍ଷକମାନେ ଚକିତ ହୋଇ କୁହନ୍ତି, 'ବଜରଙ୍ଗ ବିଶେଷ ଭଲ ପଢୁ ନ ଥିଲେ। ଆଉ ମାତ୍ର ୫ମ ପର୍ଯ୍ୟନ୍ତ ପଢିଛନ୍ତି। ତେବେ ସେ କେମିତି ଏକ ଏୟାରକ୍ରାଫ୍ଟ ତିଆରି କରିପାରିଲେ।' ତେବେ ଏୟାରକ୍ରାଫ୍ଟ ସିନା ତିଆରି ହୋଇଯାଇଛି ହେଲେ ଏବେ ପ୍ରଶ୍ନ ଉଠୁଛି ଏହାକୁ ଟେଷ୍ଟ କରିବା ପାଇଁ ତାଙ୍କୁ ଅନୁମତି ମିଳିବ ନା ନାହିଁ।

# ଚୁଇଂଗମ୍ ଚୋବାଇ ୭୦ହଜାର ରୋଜଗାର



ପ୍ରାୟତଃ ମଣିଷର ସଉକ ସହିତ ତାଙ୍କର ପ୍ରଫେସନର କିଛି ସମ୍ପର୍କ ନ ଥାଏ। କିନ୍ତୁ ଯଦି କେହି ନିଜର ସଉକକୁ ପଇସା କମାଇବାର ମାଧ୍ୟମ କରିବାକୁ ଚାହାନ୍ତି, ତେବେ ଅନେକ ଅଜବ ଘଟଣା ସାମ୍ନାକୁ ଆସେ। ଜର୍ମାନୀର ଜଣେ ମହିଳାଙ୍କ କ୍ଷେତ୍ରରେ ସେମିତି କିଛି ଘଟିଛି। ତାଙ୍କୁ ଚୁଇଂଗମ୍ ଚୋବାଇବା ଭାରି ପସନ୍ଦ। ଏବେ ସେ ନିଜର ଏହି ସଉକକୁ ପେସାରେ ପରିଣତ କରିଦେଇଛନ୍ତି। ଆଉ ଚୁଇଂଗମ୍ ଚୋବାଇ ମାସିକ ପାଖାପାଖି ୭୦ହଜାର ଟଙ୍କା ରୋଜଗାର କରୁଛନ୍ତି। ଏହି ମହିଳାଜଣକ ହେଉଛନ୍ତି ୩୦ ବର୍ଷୀୟା ଜୁଲିୟା ଫୋରାଟ। ସେ ପେସାରେ ଜଣେ ଆର୍କିଟେକ୍ଟ। ହେଲେ ସଉକ ତାଙ୍କର ଚୁଇଂଗ୍ ଚୋବାଇ ବବଲ୍ କରିବା। ସେ ୨୦-୩୦ଟି ଚୁଇଂଗମ୍ ଏକାଥରେ ଚୋବାଇ ସେଥିରେ ବେଲୁନ୍‌ଠୁ ବି ବଡ଼ ଓ ଭିନ୍ନ ଭିନ୍ନ ଆକାରର ବବଲ୍ ତିଆରି କରିପାରନ୍ତି। ଏହି କାରନାମାର ଭିଡିଓ କରି ସେ ସୋସିଆଲ ମିଡିଆରେ ଅପଲୋଡ କରନ୍ତି, ଯାହାକୁ ଲୋକେ ବହୁତ ପସନ୍ଦ କରନ୍ତି। ଫଳରେ ସେ ମାସିକ ପାଖାପାଖି ୭୦ ହଜାର ରୋଜଗାର କରିପାରୁଛନ୍ତି।

